Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 349
Saturday, 28 February 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୮ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଅବକାରୀ ଦୁର୍ନୀତି ମାମଲାରେ ଦୋଷମୁକ୍ତ ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ବହୁ ଚର୍ଚ୍ଚିତ ଅବକାରୀଦୁର୍ନୀତି ମାମଲାରେ ଦିଲ୍ଲୀର ରାଜକ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି । ସ୍ୱତନ୍ତ୍ର ବିଚାରପତି କିରେତ୍ ସିଂହ ଏହି ରାୟ ଦେଇ ସିବିଆଇକୁ ତାହା ଭର୍ତ୍ସନା କରି ଏହା ଆଣିଥିବା ଅଭିଯୋଗ ବିରୋଧରେ ବିଶ୍ୱସନୀୟ ପ୍ରମାଣ ଉପସ୍ଥାପନ କରିପାରନାହିଁ ବୋଲି କହିଛନ୍ତି । ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗପତ୍ରକୁ ଗ୍ରହଣ କରିବାକୁ କୋର୍ଟ ମନା କରିବା ସହିତ ମାମଲା ପରିଚାଳନା ପାଇଁ ସିବିଆଇ ପାଖରେ ଯଥେଷ୍ଟ ପ୍ରମାଣ ନାହିଁ ବୋଲି କହିଥିଲେ । ମାମଲାର ଶୁଣାଣିବେଳେ କେଜ୍ରିୱାଲ ଓ ସିସୋଦିଆ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି କହିଥିଲେ ଯେ, ଅବକାରୀ ନୀତିରେ କୌଣସି ବ୍ୟାପକ ଷଡ଼ଯନ୍ତ୍ର କିମ୍ବା ଅପରାଧିକ ଅଭିସନ୍ଧି ନଥିଲା । କୋର୍ଟ କେଜ୍ରିୱାଲଙ୍କ ସମେତ ସମସ୍ତ ୨୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ବନ୍ଦ କରିଦେଇଛନ୍ତି । ସିବିଆଇକୁ ତୁଚ୍ଛିପୂର୍ଣ୍ଣ ମନ୍ତବ୍ୟ ପାଇଁ କୋର୍ଟ ଭର୍ତ୍ସନା କରିବା ସହିତ ଏହାଦ୍ୱାରା ଉପସ୍ଥାପନ କରାଯାଇଥିବା ବିସ୍ତୃତ ଅଭିଯୋଗପତ୍ରରେ ଅନେକ ତ୍ରୁଟି ରହିଛି ବୋଲି କହିଥିଲେ । ପ୍ରଥମିକ ଦୃଷ୍ଟିକୋଣରୁ ଏଠାରୁ କୌଣସି ମାମଲା ହେଉନାହିଁ ବୋଲି କହିଛନ୍ତି । କୋର୍ଟ ଆହୁରି ମଧ୍ୟ କହିଥିଲେ ନିରପେକ୍ଷ ଶୁଣାଣି ପାଇଁ ନିରପେକ୍ଷ ତଦନ୍ତ ଜରୁରୀ ଅଟେ । କିନ୍ତୁ ଏହି ମାମଲାରେ ତାହା ଦେଖିବାକୁ ମିଳିନାହିଁ । ସୂଚନାଯୋଗ୍ୟ, ୨୦୨୨-୨୩ ଦିଲ୍ଲୀ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସିବିଆଇ ମାମଲା ରୁଜୁ କରିଥିଲା । ଏହି ମାମଲାରେ ଆମ୍ ଆଦମୀ ପାର୍ଟିର ଅନେକ ନେତାଙ୍କୁ ଜେଲ ଯିବାକୁ ପଡ଼ିଥିଲା । ଅରବିନ୍ଦ କେଜ୍ରିୱାଲ ୬ ମାସ ଜେଲରେ ରହିଥିଲେ । ସିବିଆଇ ଓ ଇଡି ଅଭିଯୋଗ କରିଥିଲା ଯେ ସାଉଥ୍ ଗ୍ରୁପ୍ ଜାମକ ଏକ ଲବିରୁ ୧୦୦ କୋଟି ଟଙ୍କା ଲାଂଚ ନିଆଯାଇଥିଲା ଓ ଏହା ବଦଳରେ ଲାଇସେନ୍ସ ଦେୟରେ ରିହାତି ଓ ଅନ୍ୟ ଲାଭ ଦିଆଯାଇଥିଲା । ଦୋଷମୁକ୍ତ ହେବା ପରେ କୋର୍ଟ ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ଅରବିନ୍ଦ କେଜ୍ରିୱାଲ । ସେ କହିଛନ୍ତି, '' ମୁଁ ଦୁର୍ନୀତିଗ୍ରସ୍ତ ନୁହେଁ । କୋର୍ଟ ମୋତେ ଏବଂ ମନୀଷ ସିସୋଦିଆଙ୍କୁ ସତ୍ୟବାଦୀ ବୋଲି କହିଛନ୍ତି । ଆଜି, କୋର୍ଟ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି । ଆମେ ସବୁବେଳେ କହିଥିଲୁ ଯେ ସତ୍ୟର ବିଜୟ ହୁଏ । ଆମର ଭାରତୀୟ ଆଇନ ବ୍ୟବସ୍ଥା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ଅମିତ ଶାହ ଏବଂ ମୋଦି ଜୀ ମିଶି ଆମକୁ ସମାପ୍ତ କରିବା ପାଇଁ ସବୁଠାରୁ ବଡ଼ ରାଜନୈତିକ ଷଡ଼ଯନ୍ତ୍ର ରଚିଥିଲେ ଏବଂ ବଦଳର ୫ ଜଣ ବଡ଼ ନେତାଙ୍କୁ ଜେଲ ପଠାଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଘରୁ ଟାଣି ଆଣି ଜେଲରେ ପଶାଇ ଦିଆଯାଇଥିଲା । କେଜରିୱାଲ ଦୁର୍ନୀତିଗ୍ରସ୍ତ ନୁହେଁନ୍ତି । ମୁଁ ମୋ ଜୀବନରେ କେବଳ ସତ୍ୟବାଦୀତା ଅର୍ଜନ କରି ଛି । ଆଜି, କୋର୍ଟ କହିଛନ୍ତି ଯେ କେଜରିୱାଲ, ମନୀଷ ସିସୋଦିଆ ଏବଂ ଆପ୍ ସଂଗୋଟ । ଏହା ମିଥ୍ୟା ମାମଲା ଥିଲା । କାରୁଆ ପିଙ୍ଗା ଯାଇଥିଲା । ୨୪ ଘଣ୍ଟା ଟିଭି ଚ୍ୟାନେଲରେ ଖବର ପ୍ରସାରିତ ହୋଇଥିଲା କେଜ୍ରିୱାଲ ଦୁର୍ନୀତିଗ୍ରସ୍ତ । କେଜ୍ରିୱାଲ ଦୁର୍ନୀତିଗ୍ରସ୍ତ ନୁହେଁ ଏହା ଆଜି ପ୍ରମାଣିତ । ମୁଁ ପ୍ରଧାନମନ୍ତ୍ରୀଙ୍କୁ କହିବାକୁ ଚାହୁଁଛି କ୍ଷମତା ପାଇଁ ସମ୍ବିଧାନ ସହ ସେ ନଖେଳନ୍ତୁ । ' କହି ରଖିଛୁ କି, ୨୦୨୨-୨୩ରେ ଦିଲ୍ଲୀରେ ମଦ ଦୁର୍ନୀତି ଅଭିଯୋଗରେ ସିବିଆଇ ମାମଲା ରୁଜୁ କରିଥିଲା । ପରେ ମନି ଲଣ୍ଡ୍ରିଂ ମାମଲାରେ ଇଡି କେସ୍ ରୁଜୁ କରିଥିଲା । ଆମ୍ ଆଦମୀ ପାର୍ଟିର ବହୁ ନେତା ଏହି ମାମଲାରେ ଜେଲ୍ ଯାଇଥିଲେ । ବହୁ ଜଣଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା । ହେଲେ ପରେ ସେମାନଙ୍କୁ ଜାମିନ ମିଳିଥିଲା । ସିବିଆଇର ମଦ ଦୁର୍ନୀତି ମାମଲାରେ ବିଜୁ ରାଜକ ଆଭେନ୍ୟୁ କୋର୍ଟ ବଡ଼ ରାୟ ଦେଇ ଅରବିନ୍ଦ କେଜରିୱାଲ ଓ ମନୀଷ ସିସୋଦିଆଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି । ମାମଲାରେ ପର୍ଯ୍ୟାପ୍ତ ପ୍ରମାଣ ନଥିବାରୁ ଉଭୟଙ୍କୁ ଦୋଷ ମୁକ୍ତ କରିଛନ୍ତି କୋର୍ଟ । ବିଜୁ କୋର୍ଟଙ୍କ ରାୟକୁ ସ୍ୱାଗତ କଲେ ସୁନୀତା କେଜ୍ରିୱାଲ । ଏହାରେ ପୋଷ୍ଟ କରି ସୁନୀତା ଲେଖିଛନ୍ତି ଯେ, ସତ୍ୟର ସବୁବେଳେ ବିଜୟ ହୁଏ । କୋର୍ଟରୁ କେଜ୍ରିୱାଲ ଏବଂ ସିସୋଦିଆଙ୍କୁ କ୍ଲିନ୍ ଚିଟ୍ ମିଳିଛି ।

ରାଜ୍ୟସଭା କସରତ; ବିଧାୟକ ଦଳ ବୈଠକ ଡାକି ନବୀନଙ୍କ ଆଲୋଚନା

ଭୁବନେଶ୍ୱର, ୨୭/୨ (ଆ.ପ୍ର) : ରାଜ୍ୟସଭା ପାଇଁ ଜିଏ ହେବ କେତୋଟି ପ୍ରାର୍ଥୀ । ବିଜେଡି କିଣିଥିଲା ୬ଟି ସେଟ୍, କଂଗ୍ରେସ କିଣିଲା ୩ଟି । ଚତୁର୍ଥ ଆସନରେ କିଏ କରିବ ନମିନେସନ । ତାକୁ ନେଇ ଚର୍ଚ୍ଚା । ଏହାରି ଭିତରେ ଗତକାଲି ସିଏମ୍‌ଙ୍କ ବୈଠକ ପରେ ଆଜି ସମସ୍ତ ବିଧାୟକଙ୍କୁ ନବୀନ ନିବାସ ଡାକି ବୈଠକ କରିଛନ୍ତି ସୁପ୍ରିମୋ ନବୀନ ପଟ୍ଟନାୟକ । ଏପଟେ ରାଜ୍ୟସଭା ରଣନୀତି ବୃତ୍ତାନ୍ତ ପାଇଁ ବିଜୁ ଯାଇଛନ୍ତି ପିସିସି ସଭାପତି ଭକ୍ତ ଦାସ । ତେବେ ବିଜେପିର ପ୍ରାର୍ଥୀ କିଏ ହେବେ ସେନେଇ ବଳର ସଂସଦୀୟ ବୋର୍ଡ ବୃତ୍ତାନ୍ତ ନିଷ୍ପତ୍ତି ନେବାକୁ ଥିବା ବେଳେ ବିଜୁ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭେଟିବାକୁ ନେଇ ବଢ଼ିଛି ଚର୍ଚ୍ଚା । ବିଜେଡି କିଣିଛି ୬ ସେଟ୍ ନାମାଙ୍କନ । ସଂଖ୍ୟା ନଥାଇ ବି କଂଗ୍ରେସ କିଣିଲା ୩ ସେଟ୍ । ବିଜେପି ଉପରେ ସମସ୍ତଙ୍କ ନଜର । ଆଉ ଏଣେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନେଇ ଚର୍ଚ୍ଚା । ଚତୁର୍ଥ ଆସନ ପାଇଁ ସମସେନ୍ଦ୍ର ଜାରି । ଦିନ ଯେତେ ପାଖଉଛି ସେତିକି ଘମାଘମ ହେଉଛି ରାଜ୍ୟସଭା ରାଜନୀତି । ଗତକାଲି ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ପରେ ଆଜି ବିଧାୟକମାନଙ୍କୁ ହୋଇଛି ନବୀନ ନିବାସ ଡକରା । କୁହାଯାଇଛି ଦଳ କିଣିଥିବା ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ବିଧାୟକମାନଙ୍କଠାରୁ ରଖାଯିବ ଦସ୍ତଖତ । ଯଦିଓ ବିଜେଡି ପାଖରେ ଗୋଟିଏ ସିଟ୍ ପାଇଁ ସଂଖ୍ୟା ରହିଛି କିନ୍ତୁ ୬ ସେଟ୍ ନାମାଙ୍କନ କିଣିଛି ଦଳ । ପ୍ରଶ୍ନ ଉଠୁଛି ପ୍ରାର୍ଥୀ ଘୋଷଣା ପୂର୍ବରୁ ଏ ଦସ୍ତଖତ ଷ୍ଟାମ୍ପେଡି ପଛର କାରଣ କଣ । ନବୀନଙ୍କୁ ଘାରିଛି କି ବିରୋଧ ଭୟ । ଭାଇଁକି ମା ରାଜ୍ୟସଭା ପାଇଁ ସମ୍ବୁଲ ମିଶ୍ର ଏବଂ ସୁଜାତା କାର୍ତ୍ତିକେୟନଙ୍କ ନାଁ ଅଧିକ ଚର୍ଚ୍ଚାରେ ରହିଛି । ଯାହାକୁ ନେଇ ଅଣୁଶ ସାହୁ, ବଦ୍ରିନାରାୟଣ ପାତ୍ର, ଅଶୋକ ପଣ୍ଡାଙ୍କ ଭଳି ବରିଷ୍ଠ ନେତା ପରୋକ୍ଷରେ ଇଙ୍ଗିତ ମଧ୍ୟ କରିସାରିଛନ୍ତି । ଯେଉଁଥି ପାଇଁ ଆଜୁଆ ବିଧାୟକମାନଙ୍କୁ ଡକାଯାଇଥିବା କୁହାଯାଇଛି । ଅନ୍ୟ ପଟେ ଚତୁର୍ଥ ଆସନ ପାଇଁ କଣ ହେବ ସମୀକରଣ ତାକୁ ନେଇ ବି ଚର୍ଚ୍ଚା । ଏଥିରି ଭିତରେ ସଂଖ୍ୟା କମଥାଇ ମଧ୍ୟ ଆଜି କଂଗ୍ରେସ କିଣିଛି ନାମାଙ୍କନ ପତ୍ର । ବିଧାୟକ ସଚ୍ୟାଳିତ ଗମାଙ୍କ ୩ ସେଟ ନାମାଙ୍କନ ପତ୍ର କିଣିଛନ୍ତି । ତେଣେ ରାଜ୍ୟସଭା ରଣନୀତି ବୃତ୍ତାନ୍ତ ପାଇଁ ପିସିସି ସଭାପତି ଭକ୍ତ ଦାସ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏହା ସହ ୫ ଜଣଙ୍କ ନାଁ ନେଇ ବିଜେଡିର ସମର୍ଥନ କଥା ବି ଦୋହରାଇଛନ୍ତି । ତେବେ ଚତୁର୍ଥ ଆସନରେ ବିଜେଡି ଲଢିବା ନେଇ ମଧ୍ୟ ସଙ୍କେତ ଦେଇଛନ୍ତି ବଳର ବିଧାୟକ ସାରଦା ଜେନା । କିନ୍ତୁ ବିଜେପିର ଦରୋକ୍ତି, ଗୋଟିଏ ଆସନ ଛାଡିବେଲେ ବାକି ୩ ଆମର । ଏଣେ ବିଜେପିରୁ କିଏ ପ୍ରାର୍ଥୀ ହେବେ ସେ ନେଇ ବଳର ସଂସଦୀୟ ବୋର୍ଡ ଖୁବ ଶୀଘ୍ର ଘୋଷଣା କରିବ । ତେବେ ଏ ସବୁ ଭିତରେ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏଥିକୁ ନେଇ ଚର୍ଚ୍ଚା ବଢିଛି । ରାଜ୍ୟସଭା ନାମାଙ୍କନ ପାଇଁ ୫ ଶେଷ ତାରିଖ ଥିବା ବେଳେ ଶନିବାର, ରବିବାର ସରକାରୀ ଛୁଟି । ହାତରେ ଆଉ ମାତ୍ର ୪ ଦିନ । କୁହାଯାଉଛି ଚତୁର୍ଥ ଆସନ ନେଇ କେନ୍ଦ୍ର ବିଜେପିର ଷ୍ଟାରଦେଖିବୁ ଅପେକ୍ଷା କରିଛି ବିଜେଡି ।

ମାର୍ଚ୍ଚ ୫ରେ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ

ଭୁବନେଶ୍ୱର, ୨୭/୨ (ଆ.ପ୍ର) : ଆପଲା ମାର୍ଚ୍ଚ ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଏଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଶାହଙ୍କ ଓଡ଼ିଶା ଗସ୍ତ ନଜରରେ ରାଜ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ସଂଧ୍ୟରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ମୁଖ୍ୟ ସଚିବ ଅଜୁନ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରୁ ଜଣାଯିବୁ ମିଳିଛି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଂଚିବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡାଳିସ୍ଥିତ ଓଆଇଏସଏଫଡ଼ି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍‌ଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର (ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନ୍‌ଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ , ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ । ସେବିନ ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଭାରତୀ ପ୍ରତର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମ୍ମାନୀୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବନ୍ଦୋବସ୍ତ, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରିବାକୁ ପୂର୍ତ୍ତ, ଶିକ୍ଷ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବୀପ୍ରିୟ ଶର୍ମା ବିଭିନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସମବାୟ ବିଭାଗର ସଚିବ ରାଜେଶ ପ୍ରକାଶ ପାଟିଲ, ବିଏମସି କମିସନର ଚଂଚଳ ରଣା, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

ପାକିସ୍ତାନ-ଆଫଗାନିସ୍ତାନ ଭୟଙ୍କର ଯୁଦ୍ଧ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ଭାରତ ପଡ଼ୋଶୀ ଦେଶ ମଧ୍ୟରେ କୋରବାର ଲାଢେଇ । ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ । ପାକ୍ ଉପରେ ପ୍ରତିଶୋଧ ନେଇ ଆକ୍ରମଣ କରିବା ପରେ ଆଫଗାନ ଉପରେ ପାଲଟା ଆଟାକ କରିଛି । ପାକିସ୍ତାନ ବିରୋଧରେ ଆଫଗାନିସ୍ତାନର ବଡ଼ ସାମରିକ ଅଭିଯାନ । ତାଲିବାନ ବିରୋଧରେ 'ଓପନ୍ ୱାର ଘୋଷଣା କରିଛନ୍ତି ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ । ଆଫଗାନିସ୍ତାନର ଏୟାର ଷ୍ଟ୍ରାଇକ୍ ପରେ ପାକିସ୍ତାନର ବୋମାମାଡ଼ୁ କରିଛି । କାବୁଲ, ପାକଟିଆ, ଲାଘାହାରରେ ତାଲିବାନ ଟାର୍ଗେଟକୁ ଆକ୍ରମଣ ହୋଇଛି । ପାକିସ୍ତାନ ଆକ୍ରମଣକୁ ସ୍ୱୀକାର କରିଛି ଆଫଗାନିସ୍ତାନ । ପାକିସ୍ତାନ 'ଅପରେସନ 'ଗଜାବ ଲିଲ ହକ୍' ସହିତ ପ୍ରତିଶୋଧ ନେଇଛି । ଏହି ଅପରେସନ୍‌ରେ ୧୩୩ ଆଫଗାନିସ୍ତାନ ସେନାଙ୍କୁ ହତ୍ୟା କରିଥିବା ଦାବି କରିଛି ପାକିସ୍ତାନ । ସେପଟେ ଗତ ସପ୍ତାହରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେଲା ୧୯ ବେଲୁଚିସ୍ତାନ କବଜା କରିବା ସହ ଆକ୍ରମଣରେ ୫୫ ପାକ୍ ସେନା ନିହତ ହୋଇଥିବା ଦାବି କରିଛି ଆଫଗାନ । ଗତ କିଛି ଦିନ ହେବ ଲାଗି ରହିଥିବା ଉତେଜନା ତରମ ସ୍ଥିତିରେ ପହଂଚିଛି । ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇଛି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ତାଲିବାନ ବିରୋଧରେ ଖୋଲା ଯୁଦ୍ଧ ଘୋଷଣା କରିଛନ୍ତି । ଆଫଗାନିସ୍ତାନ ପ୍ରତିଶୋଧମୂଳକ ଆକ୍ରମଣରେ ଉତେଜିତ ହୋଇ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ପୋଷ୍ଟରେ ଲେଖିଛନ୍ତି, ଯେ ଯୁଦ୍ଧ ଆରମ୍ଭ ହୋଇସାରିଛି । ଆମର ଯୌଥ୍ୟ ଶେଷ ହୋଇଗଲାଣି । ଏବେ 'ଓପନ୍ ୱାର' । ଏହା ପରେ ଭାରତ ଦେଶ ପରସ୍ପର ବିରୋଧରେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଥିଲେ । ଯାହା ଆଜି ପରସ୍ଥିତିକୁ ଆହୁରି ଖରାପ କରିଛି । ଅଚାନକ ହମଲା କରି ପାକିସ୍ତାନ ବିଜିବିଜେଲଛି । ପାକ୍ ସୂଚନା ମନ୍ତ୍ରଣାଳୟ ଏକ ପୋଷ୍ଟ କରି କହିଛି ଯି, 'ଆଫଗାନିସ୍ତାନ ଖୋଟର ପଖତୁନଖ୍ୱା ପ୍ରଦେଶ ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଅନେକ ସ୍ଥାନରେ ଗୁଳିଚାଳନା କରିଛନ୍ତି । ପାକିସ୍ତାନ ସୁରକ୍ଷାବାହିନୀ ଏହି କାର୍ଯ୍ୟକୁ ଦୃଢ଼ରେ ଏବଂ ପ୍ରଭାବଶାଳୀ ଜବାବ ଦେଇଛି । ପାକିସ୍ତାନ ତାର କ୍ଷେତ୍ରୀୟ ଅଖଣ୍ଡତା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବ ବୋଲି ପୋଷ୍ଟରେ କୁହାଯାଇଛି ।' କହି ରଖିଛୁ କି, ଦୁଇ ଦେଶ ମଧ୍ୟରେ ୨,୬୧୧ କିଲୋମିଟର ଲମ୍ବା ସୀମାକୁ 'ଡୁରଣ୍ଡ ଲାଇନ୍' ନାମରେ କଣାଯାଇଥାଏ । ଯାହାକୁ ଆଫଗାନିସ୍ତାନ ଖିପରୀଗିର ଗ୍ରୁପରେ ମାନ୍ୟତା ଦେଇନାହିଁ । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଚାଲିଥିବା ବିବାଦ ଏବଂ ଯୁଦ୍ଧରେ ପରିଣତ ହୋଇଛି । ପାକିସ୍ତାନ ସେନା ଗତ ରବିବାର ଆଫଗାନିସ୍ତାନ ସୀମା ପାଖରେ ଏୟାରଷ୍ଟ୍ରାଇକ୍ କରିଥିଲା । ଦାବି କରାଯାଇଥିଲା କି ଏଥିରେ ୭୦ ଆତଙ୍କବାଦୀ ନିହତ ହୋଇଛନ୍ତି । ଆଫଗାନିସ୍ତାନ ଏହି ଦାବିକୁ ଖାରଜ କରିଥିଲା । ଆକ୍ରମଣରେ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଥିଲା ସେମାଁହିରେ ମହିଳା ଏବଂ ଶିଶୁ ଥିବା କହିଥିଲା ଆଫଗାନ ।

ପ୍ରଚଣ୍ଡରେ ଉଡ଼ାଣ ଭରିଲେ ରାଷ୍ଟ୍ରପତି, ଆକାଶରୁ ଦେଲେ ଆତ୍ମନିର୍ଭରତାର ବାର୍ତ୍ତା

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ଆକାଶ ମୁଡ଼ ରେ ଭାରତୀୟ ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର । ରାଜସ୍ଥାନ ଜୟସାଲମେରରେ ପ୍ରଚଣ୍ଡ ହେଲିକପ୍ଟରରେ ଉଡ଼ାଣ ଭରିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆକାଶରୁ ହେଲେ ଆତ୍ମନିର୍ଭରତାର ବାର୍ତ୍ତା । କୋ-ପାଇଲଟ୍ ସିଟ୍ ରେ ବସି ଦେଶର ବୀର ଯବାନଙ୍କୁ କଲେ ସଲାମ । ଏକ ଗୌରବମୟ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେଲା ପ୍ରତିରକ୍ଷା କ୍ଷେତ୍ର । ଅଣିଲ୍ କ୍ରୀଳ୍ ବର୍ଦ୍ଧି, ମୁମ୍ବାଇର ଅବମ୍ୟ ସାହାରର ଅଲା, ହାତରେ ହେଲମେଟ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନାହିଁ ନାହିଁରେ ଚାଲିଛି ମେଡିକାଲ,ଜଳସେଚନ ବିଭାଗ,ଉଦ୍ୟାନ ବିଭାଗ ଓ ବିଇଓ ଅଫିସ

ଧାମନଗର, ୨୭/୨ (ଆ.ପ୍ର) : ଧାମନଗର ବ୍ଲକ ହେଉଛି ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା କାର୍ଯ୍ୟବିଭାଗ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀର ଲୋକମାନଙ୍କ ପ୍ରମୁଖ ଜୀବିକା ହେଉଛି କୃଷି । ଅଂଚଳବାସୀ ବର୍ଷରେ ଥରେ ମାତ୍ର ଚାଷ କରି ଯାହା ଉପାର୍ଜନ କରାଯିବ ତାହାକୁ ବିତି ବର୍ଷେ ପର୍ଯ୍ୟନ୍ତ ଚଳିଥାନ୍ତି । ଯଦି ଲେଖାଁ ବର୍ଷରେ ବନ୍ୟା ହୋଇଯାଏ ତାହେଲେ ଲୋକଙ୍କ ଦୁଃଖ କହିଲେ ନସରେ । ଏହି ବନ୍ୟାର ସ୍ଥାୟି ପ୍ରତିକାର ପାଇଁ ମନ୍ତ୍ରୀ ସୁରଜ ଜଳସେଚନ ବିଭାଗ ମାଧ୍ୟମରେ ଧାମନଗର ଅଂଚଳରେ କୋଟି କୋଟି ଟଙ୍କାର ବ୍ୟୟ ବରାଦରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ, ସୁଇସ ଗେ, ବନ୍ଧ ଓ ରାସ୍ତା କାମ ଚାଲି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଜଳସେଚନ ବିଭାଗର ଏସଡିଓଙ୍କ ପଦ୍ମା ଦିର୍ଘ ଦିନ ଧରି ଫାଙ୍କା ପଡି ଥିବାରୁ ତାହାର ଫାଇଦା ନେଇ ଜେଲାମାନଙ୍କ ସଲାସୁତ୍ରରାରେ ଏଠି ଯୋଜନା ନାମରେ ହଜିଲୁଟ ଚାଲିଛି ଫଳରେ ସରକାରଙ୍କ ଯୋଜନା ଦିଗ ହରା ହେଉଛି । ଆଗକୁ ଆଉ ୪ମାସ ପରେ ବର୍ଷାଦିନ ଆସୁଛି ତେଣୁ ଯଥାଶିଘ୍ର ଏହି ପଦ୍ମା ପୂରଣ ହେଲେ ସାଧାରଣ ଲୋକେ ଉପକୃତ ହେବେ । ସେହିପରି ଧାମନଗର ଉଦ୍ୟାନ ବିଭାଗ ଅଧିକାରୀ ପଦବୀ ଖାଲି ପଡିଥିବା ଦେଖେ ଜଳସେଚନ ବିଭାଗ ଏବଂ ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି । ଭିନ୍ନ ସ୍ଥାନ ଗୁଡିକରେ ଦୀର୍ଘ ଦିନ ଧରି ପଦବୀ ପୂରଣ ହେଉନଥିବାରୁ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ସାଧାରଣ ଜନତା ।ସେହିପରି ମେଡିକାଲରେ ୬ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅବସର ପରେ ଖାଲି ପଡିଥିବା ବେଳେ ରୋଗୀ ଚିକିତ୍ସା ଅଭାବରୁ ଉତ୍ତସନ୍ନ ହେଉଛନ୍ତି । ଏଠିକାର ସରି ନାହିଁ ଡିଜିଟାଲ ଏକ୍ସରେ ବ୍ୟବସ୍ଥା ମଧ୍ୟ ନାହିଁ । ସେଇଁ ଏକ୍ସରେ ଅଛି ବାରମ୍ବାର ଅଚଳ ହେବାରୁ ରୋଗୀ ଉପଯୁକ୍ତ ହେବ ସ୍ଥଳେ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ରୋଗ ଭଲ ହେବା ପାଇଁ ବାହାରେ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି । ମାନ୍ୟବର ମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦେଇ ଏହି ସବୁ ପଦ୍ମାରେ ସ୍ଥାୟୀ ଅଧିକାରୀ ନିଯୁକ୍ତି ଦେଲେ ଅଂଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ

ଜି.ଉଦୟଗିରି, ୨୭/୨ (ଆ.ପ୍ର) : ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ଦଶ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି ।ଗତକି ମାସ ୧୭ ତାରିଖ ଠାରୁ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ବିଜୁପାଡ ଅଂଚଳ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅଧ୍ୟାପିକା ସୁପ୍ରିୟା ମହାନ୍ତି ଏବଂ ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରହୀ ଯୋଗଦେଇ ଛାତ୍ରୀ ମାନଙ୍କ ନିମନ୍ତେ ସାଂପ୍ରତିକ ସମୟରେ ଆତ୍ମସୁରକ୍ଷା କୌଶଳ ତାଲିମର ଯଥାର୍ଥତା ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅନୁପମା ମିଶ୍ର ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରାପ୍ତ ପ୍ରଶିକ୍ଷଣ ଛାତ୍ରୀ ସୁପ୍ରିତି ପ୍ରଧାନ ଏବଂ ଜାହ୍ନବୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀ ମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ମାସ ମାସ ଦୌଡି ଦୌଡ଼ି ଭୋଗୁଛନ୍ତି ଆବେଦନ କାରୀ

ଧାମନଗର, ୨୭/୨ (ଆ.ପ୍ର) : ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କେନ୍ଦ୍ରର କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆବେଦନ କାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ କୌଣସି ସମୟ ସୀମା ନଥିବାରୁ ଲୋକେ ମାସ ମାସ ଧରି ଅପେକ୍ଷା କରୁଛନ୍ତି । ସୂଚନା ଅନୁଯାୟୀ ପ୍ରମାଣପତ୍ର ପଞ୍ଜିକରଣ କେନ୍ଦ୍ରରେ ବିଭାଗୀୟ କର୍ମଚାରୀଙ୍କ ମନମୁଖୀ ଯୋଗୁଁ ଲୋକମାନେ ବୁଝ ବୁଝାନ୍ତରୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଉକ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସ୍ଥାନୀୟ ଅଂଚଳ ଓ ସରକାରୀ ଦଳର ହୋଇଥିବାରୁ କାହାରିକୁ ଖାତିର ନକରି ମହିଳା ମାନଙ୍କୁ ବୁରା ବ୍ୟବହାର କରିବା ସହିତ ନାଲି ଆଖି ଦେଖାଇ ନିଜ ମନମାନୀରେ କାର୍ଯ୍ୟ କରୁଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ମେଡିକାଲ ଅଫିସର ସହ ଯୋଗାଯୋଗ କରିବାକୁ କ୍ଷମତାରେ ଥାଇଥାଇ ଜଣିଛନ୍ତି ଯେ ପଞ୍ଜିକରଣ କେନ୍ଦ୍ରରେ ଜଣେ କାର୍ଯ୍ୟ କରୁଛି ତେଣୁ କର୍ମଚାରୀ ଅଭାବ ଯୋଗୁଁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି ବୋଲି ଅଧିକାରୀ ଡାକ୍ତର ମନୁଜ ସାମନ୍ତ ସିଂହାର ତାଙ୍କ ପ୍ରତିକ୍ରିୟାରେ ସଚେତ ହେଉଛନ୍ତି । ଏପରିକରେ ସରକାର କହୁଛନ୍ତି ଓଡ଼ିଶାରେ ଲୋକଙ୍କ ସରକାର ଚାଲିଛି । ମାତ୍ରାଙ୍କ ନିଜ ଅଂଚଳରେ ପୁରା ଏହାର ବିପରୀତ ଦେଖାଦେଇଥିବା ବେଳେ ଯାହାକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି । ଏଦିଗରେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ଉକ୍ତ ବିଭାଗରେ ଆଉ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସାଧାରଣ ଜନତା ପ୍ରମୁଖ ଦାବି କରିଛନ୍ତି ।

ଚବଣାଇଁ ବନଖଣ୍ଡ ତରଫରୁ ବନାଗ୍ନି ନିୟନ୍ତ୍ରଣ ସଚେତନତା ଓ ପ୍ରଶିକ୍ଷଣ ଶିବିର

ବଣାଇଁ, ୨୭/୨ (ଆ.ପ୍ର) : ବଣାଇଁ ବନଖଣ୍ଡକୁ ବନାଗ୍ନି କବଳରୁ ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଆରମ୍ଭ କରାଯାଇଛି । ଗତ ଅକ୍ଟୋବର ଶେଷ ସପ୍ତାହରୁ ବର୍ଷା ଦୀର୍ଘ ବନ୍ଦ ହୋଇଯାଇ ଥିବା ବେଳେ ଶୁଷ୍କତା ସାଙ୍ଗକୁ ପର୍ଯ୍ୟାପ୍ତ ଜଙ୍ଗଲରେ ପତ୍ରଝଡା ଯୋଗୁଁ ବନାଗ୍ନି ଲାଗି ଯାଇଛି । ସୁତରାଂ ମନୁଷ୍ୟକୃତ ବନାଗ୍ନି ଉପରେ ଥ୍ରୋଟଷ୍ଟାର ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ବନାଗ୍ନି ନିୟନ୍ତ୍ରଣ ପାଇଁ ବିଭାଗ ନଜର ରଖିବା ସହ ବ୍ୟାପକ ସଚେତନତା ଓ ମୁକାବିଲା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛି । ଏ ସମ୍ବନ୍ଧେ ବଣାଇଁ ବନଖଣ୍ଡ ପକ୍ଷରୁ ବନାଗ୍ନି ନିୟନ୍ତ୍ରଣ ଓ ସଚେତନତା କର୍ମଶାଳା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜରୁ ୩୦୦ରୁ ଊର୍ଦ୍ଧ୍ୱ ନିଆଁ ଲିଆ କର୍ମଚାରୀ, ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ ସମେତ ସମସ୍ତ ରେଞ୍ଜ ଅଧିକାରୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ବଣାଇଁ ବନଖଣ୍ଡ ୭ ଟି ରେଞ୍ଜ ରେ ମୋଟ ୧୬୦୦ କିମିଲ୍ଲି ଅଧିକ ଫାୟର ଲାଇନ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪୦୦ କିମି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୧୯୦ ଜଣ କର୍ମଚାରୀଙ୍କୁ ନେଇ ୧୫ /୨୦ ଟି ଫାୟାର ସ୍କାଡ ଗଠନ କରାଯାଇ ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ରେଞ୍ଜରେ କର୍ମଶାଳା ଆୟୋଜନ କରାଯାଉଛି ।ତା ସହିତ ଜଙ୍ଗଲ ସଂରକ୍ଷୁ ବିଭିନ୍ନ ଗ୍ରାମରେ ପାଲା, ଶ୍ରୁତ ନାଟକ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଉଛି । ସଚେତନତା କାର୍ଯ୍ୟକ୍ରମର ପୂର୍ବ ବର୍ଷ ଅପେକ୍ଷା ଅଧିକ କରିବାର ଲକ୍ଷ୍ୟ ରଖାଯାଇଛି । ତେବେ ବିଗତ ବର୍ଷରେ ବନାଗ୍ନିର ମୁକାବିଲା ପାଇଁ ବୈଷୟିକ ଜ୍ଞାନ ଜୌଶଳ ମଧ୍ୟ ପ୍ରୟୋଗ କରାଯାଉଛି । ପ୍ରଥମ ଥର ଏଆଇ କ୍ୟାମେରା ସହ ଡ୍ରୋନ ବ୍ୟବହାର ଫଳପ୍ରଦ ହେବା ପରେ ଏହି ଡ୍ରୋନ ବ୍ୟବହାରକୁ ବନ ବିଭାଗ ଗୁରୁତ୍ୱ ଦେଇଛି । ଏଆଇ କ୍ୟାମେରା ସହ ଡ୍ରୋନ କ୍ୟାମେରା ଚିତ୍ର ଦେଖି ବନ ବିଭାଗ ତୁରନ୍ତ ସେଠାରେ ପହଂଚି ନିଆଁକୁ ଆୟତ କରି ପାରୁଛି । ସେହିପରି ବନଗ୍ନିକୁ ନିୟନ୍ତ୍ରଣ କରିବାରେ ଥ୍ରୋ ଟାଣ୍ଟାରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଥ୍ରୋ ଟାଣ୍ଟାର ସହାୟତାରେ ବନାଗ୍ନି ଉପରେ ନଜର ରଖି ସଫଳ ମୁକାବିଲା କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଏସିଏଫ ଦୁର୍ଯୋଧନ ଜେନା, ଲୋକଟା ରେଞ୍ଜର ପ୍ରବନ୍ଧ ପ୍ରଧାନ, ସୋଲ ରେଞ୍ଜର ଚିଣ୍ଟାଂଜନ ରାଉଳ, ବଣାଇଁ ରେଞ୍ଜର ଦେବାଶିଷ ନାଏକ ଏବଂ ସାମାଜିକ ବନ୍ଧୁ ଉପସ୍ଥିତ ରହିଥିଲେ ।

ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ଦଶପଲ୍ଲା, ୨୭/୨ (ଆ.ପ୍ର) : କୁଆଁଠିଆ ଜଳ ଭଣ୍ଡାର ପାଇଁ ନିଜର ବାସସ୍ଥାନ ହରାଇ ବିସ୍ଥାପିତ ହେବା ପରେ ବୁଗୁଡା ଓ ବୁଗୁଡା କଲୋନୀ ଅଂଚଳରେ ଅଚଳାନ ହୋଇଥିବା ପ୍ରାୟ ୪୦ଟି ପରିବାରକୁ ରେଳ ଲାଇନ ପାଇଁ ପୁନଃ ବିସ୍ଥାପିତ କରାଯାଇ ଥିବାର ଅଭିଯୋଗ କରି ଏବଂ ବହୁ ପରିବାର ପକ୍ଷରୁ ରେଳ ପ୍ରକଳ୍ପ ସ୍ଥାନରେ ଚାଲିଥିବା ଅହୋରାତ୍ର ଆନ୍ଦୋଳନକୁ ନେଇ ଶୁକ୍ରବାର ଦିନ ବିସ୍ଥାପିତ ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମାଧୁମିତା ରାଉତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ବୈଠକରେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ସମେତ ଆନ୍ଦୋଳନ ସ୍ଥଳର ପ୍ରତିନିଧି ମଣ୍ଡଳୀ ଯୋଗଦେଇଥିଲେ । ତିନିମାସ ମଧ୍ୟରେ ସମସ୍ତ ବିଷୟକୁ ସବିଶେଷ ତର୍କମା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି । ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି ।

କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଗୁଡା, ୨୭/୨ (ଆ.ପ୍ର) : ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ, ଭୁବନେଶ୍ୱର, ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟସ୍ତରୀୟ ଏକବିଦବସୀୟ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରର ଶୀର୍ଷକ ଥିଲା 'କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା' । ଏଥିରେ ଉପସ୍ଥାପକ ଭାବେ ଭଜନ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ସ୍ୱାଇଁ ଯୋଗ ଦେଇ କନ୍ଧମାଳର ଲୋକ ସଂସ୍କୃତି ହିଁ କନ୍ଧମାଳକୁ ବିଶ୍ୱରବାରରେ ପରିଚୟ ଦେଇଛି ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀପକ କୁମାର ମହାନ୍ତି, ଶ୍ରୀଭରତପତି ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ । ଜିଟି ପ୍ରବନ୍ଧ ଉପସ୍ଥାପକ ଭାବେ ଦୀନବନ୍ଧୁ ମହାପାତ୍ର ବିଷୟ ବସ୍ତୁର ଉପସ୍ଥାପନ କରିଥିବା ବେଳେ ବୁଢ଼ୁପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ଶ୍ରୀମାନ୍ କାହ୍ନୁ ଚରଣ ପାତ୍ର ଏବଂ ଏ. ଏମ୍. ସି. ଏସ୍ ମହାବିଦ୍ୟାଳୟର ସ୍ନାତକ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁଲୋଚନା ଭୋଇ ପ୍ରବନ୍ଧ ପାଠ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପରିଶୁଦ୍ଧ ଓଡ଼ିଆ ଭାଷା ଲିଖନ, ପ୍ରବନ୍ଧ ଓ ତର୍କ ଡିବେଟ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କୃତି ପ୍ରତିଯୋଗୀଙ୍କୁ ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୫୦୦, ଦ୍ୱିତୀୟ ସ୍ଥାନ ଅଧିକାରୀଙ୍କୁ ୧୨୦୦ ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୧୦୦୦ ଆର୍ଥିକ ରାଶି ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଦନମାଳୀ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବିଲୁ ପ୍ରଧାନ, ଲଞ୍ଜଳିଶୋର ସାହୁ, ଅଜୟ ଗଣ୍ଡ ମଂଚ ପରିଚାଳନା କରିଥିଲେ । ପରିଶେଷରେ ଅଧ୍ୟାପକ ବିଭୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

୨୦୨୬ ଜନ ଗଣନା ପାଇଁ ଜିଲ୍ଲାସ୍ତରୀୟ ଜନ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

ଯାଜପୁର, ୨୭/୨ (ଆ.ପ୍ର) : ଆଗାମୀ ୨୦୨୬ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଯାଜପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜନ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିରରେ(ଦ୍ୱିତୀୟ ଦିନ) ଅନୁଷ୍ଠିତ ହୋଇଯାଇଛି । ଆଜି ଜିଲ୍ଲାପରିଷଦ, ଯାଜପୁରସ୍ଥ ସମ୍ମିଳନୀ କକ୍ଷରେ ସହକାରୀ ଜନ ଗଣନା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଶ୍ରୀମତୀ ନିବେଦିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଜନ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ଜନ ଗଣନା ନିର୍ଦ୍ଦେଶାଳୟ ର ଜିଲ୍ଲାର ଭାରାପ୍ରାପ୍ତ ଭାବେ ଶ୍ରୀଯୁକ୍ତ ଭପେନ୍ଦ୍ର କୁମାର ନାୟକ, ଶ୍ରୀମତୀ ଅର୍ଚନା ରାଉତ(ପରିସଂଖ୍ୟାନ ଅନୁସନ୍ଧାନକାରୀ, ଗ୍ରେଡ-୧ ଏବଂ ଶ୍ରୀମତୀ ସସ୍ମିତା ପ୍ରଧାନ (ପରିସଂଖ୍ୟାନ ଅନୁସନ୍ଧାନକାରୀ,ଗ୍ରେଡ-୨) ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାର ଭାରପ୍ରାପ୍ତ ଶ୍ରୀ ନାୟକ କହିଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷ ରେ ଦେଶରେ ଜନ ଗଣନା କରାଯାଇଥାଏ ।ଶେଷ ଜନ ଗଣନା ୨୦୧୧ ରେ ହୋଇଥିଲା । କୋଭିଡ ମହାମାରୀ କାରଣରୁ ୨୦୨୧ ରେ ଏହା ହୋଇ ପାରି ନଥିଲା । ତେଣୁ ଏଥର ୨୦୨୬ ରେ ଦୁଇଟି ପର୍ଯ୍ୟାୟ ରେ ଜନ ଗଣନା ହେବ ।ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ ରୁ ମେ ୧୫ ଗୃହ ତାଲିକା ଓ ଗୃହ ଗଣନା କରାଯିବ ।ନାଗରିକ ମାନେ ସେନସସ୍ ପୋର୍ଟାଲ୍ ରେ ଲଗ୍‌ଇନ୍ କରି ଆତ୍ମ ଗଣନା କରିପାରିବେ । ଯାହା ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ ।ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ କରିଆରେ ଘର

ଶୁଭାରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

'ଭାଷାପକ୍ଷ'ର ପଂଚମ ଦିବସରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆୟୋଜିତ ହେଲା କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର, ୨୭/୦୨ (ଆ.ପ୍ର) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ପଂଚମ ଦିବସରେ କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଗାଳିକା ଅଞ୍ଚଳି ପନ୍ଥା ଏଥିରେ ପୌରୋହିତ୍ୟ କରିଥିଲେ । ଏହି ଇବଂ ସାରସ୍ୱତ ସନ୍ଧ୍ୟାରେ ଯୁବକବି ଜ୍ଞାନେନ୍ଦ୍ର ପଣ୍ଡା ଓ ଗବେଷିକା ରାଜମୁଣ୍ଡା ସାନ୍ଦ୍ର ଆଲୋଚକ ଭାବେ ଯୋଗ ଦେଇ କବି ଶ୍ରୀଦେବଙ୍କୁ ମାଆ, ମାଟି ଓ ଗାଁର କବି ଭାବେ ଅଭିହିତ କରିବା ସଙ୍ଗେ ସଙ୍ଗେ ଶୂନ୍ୟପେଟକୁ ପୂର୍ଣ୍ଣ କରୁଥିବା ଚାଷୀର ଯାତନୀୟ ଦୃଶ୍ୟ ଯନ୍ତ୍ରଣାକୁ ଅତି ନିଖୁଣ ଭାବରେ ନିଜ କବିତାରେ ଆଙ୍କି ପାରଙ୍କି କବି ଶ୍ରୀଦେବ ବୋଲି ମତପ୍ରକାଶ କରିଥିଲେ । କବି ଶ୍ରୀଦେବ ତାଙ୍କ ବକ୍ତବ୍ୟରେ ସାଂସ୍କୃତିକ ସାହିତ୍ୟର ଗତି, ପ୍ରଗତି ଓ ସ୍ଥିତି ସଂପର୍କରେ ଆଲୋଚନା କରିବା ସହ ନିଜ କାବ୍ୟଯାତ୍ରାର ଅନୁଭୂତି ବଖାଣିଥିଲେ । ଗାଳିକ ଗଙ୍ଗାଧର ଦିଶ୍ୱାନ, ରିତେଶ ଦାଶ, ପ୍ରୀତିଲେଖା ଦାସ, ପ୍ରଫୁଲ୍ଲ କୁମାର ଦାସ, କବିତା ବେନା, ଡଙ୍କର ସାରଙ୍ଗଧର ତ୍ରିପାଠୀ ପ୍ରମୁଖ କବି ଶ୍ରୀଦେବଙ୍କ ବିଭିନ୍ନ କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ସଭାପତି ଡାକ୍ତର ଗୌଧୁରୀ ସତ୍ୟବ୍ରତ ନନ୍ଦ ଭାସ୍ୱର ଆଲିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀଦେବଙ୍କ ଇପରେ ଆଧାରିତ ଗୋଟିଏ କବିତାକୁ କଳ୍ୟାଣୀ ନନ୍ଦ ଗାନ କରିଥିଲେ । ଯୁଗ୍ମ ସମ୍ପାଦକ ଜୁମାଳନଥ ପାତ୍ର ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶଶିଲତା ପଣ୍ଡା ଶେଷକଥା ରଖିଥିଲେ । ଇସରରେ ବାଲେଶ୍ୱରର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ବିନା ସୂଚନା ଫଳକରେ ହେଉଛି ସରକାରୀ କାମ
ସରକାରୀ ନିୟମ ଉଲଂଘନ କରୁଛନ୍ତି ପିଇଓ ଓ ଯନ୍ତ୍ରୀ

ଲଙ୍ଗଲେଶ୍ୱର, ୨୭/୦୨ (ଆ.ପ୍ର) : ସରକାରୀ କାମରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବା ନିମନ୍ତେ ପଂଚାୟତରାଜ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ମାତ୍ର ବାଲିଆପାଳ ବ୍ଲକର ଅଧିକାଂଶ ପଂଚାୟତରେ ଏହି ନିୟମକୁ ବ୍ଲକର କାର୍ଯ୍ୟରତ ଯନ୍ତ୍ରୀ, ପିଇଓ ମାନେ ଫୁ କରି ଉଡାଉଛନ୍ତି । ଯାହାର କୁକ୍ଷ ଉଦାହରଣ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ବାଲିକୁଟି ପଂଚାୟତରେ । ସୂଚନାରୁ ପ୍ରକାଶ ବାଲିକୁଟି ପଂଚାୟତର ବାଇଟିଙ୍ଗିରି ଗ୍ରାମରେ ସତକାଲି ବାଇଟିଙ୍ଗିରି ପୋଲ ପାଖୁ ଶ୍ମଶାନକୁ ନୂତନ ପକ୍କା ରାସ୍ତା ନିର୍ମାଣ ହୋଇଯାଇଛି । ମାତ୍ର ସୂଚନା ଫଳକ ଲଗା ଯିବାର ଦେଖିବାକୁ ମିଳିନାହିଁ । ଠିକ

ସେହିପରି ଏହି ପଂଚାୟତର ବାଲିକୁଟି, ମହାବଳା, ଛଡା ଏବଂ ଫେମୁରିଆ ଗ୍ରାମରେ ହେଉଥିବା ବିଭିନ୍ନ ସରକାରୀ କାମ ଯଥା ରାସ୍ତା ନିର୍ମାଣ, ପାଚେରୀ ନିର୍ମାଣ, ସ୍କୁଲ ଗୃହ ମରାମତି, ପାଣି ପାଇପ ମରାମତି ଭଳି ବିଭିନ୍ନ କାମ ବିନା ସୂଚନା ଫଳକରେ ହଉଥିବାର ପଂଚାୟତବାସୀ ଅଭିଯୋଗ ଆଣିଛନ୍ତି । ବେଳେ ବେଳେ ସୂଚନା ଫଳକ ବାବଦରେ ଅଭିଯୋଗ ଆଣିଲେ କାର୍ଯ୍ୟ ସରିଲା ପରେ ସରକାରୀ ବାବୁ ମାନେ ଠିକାଦାରଙ୍କ ଜରିଆରେ ଫଳକ ଲଗାଉଥିବା ଦେଖିବାକୁ ମିଳିଛି । ନିର୍ମାଣ କାର୍ଯ୍ୟକୁ ଯନ୍ତ୍ରୀ ଏବଂ ପିଇଓ ମାନେ ସଠିକ ଭାବରେ ତଦାରଖ କରୁନଥିବାରୁ ଠିକାଦାର ମାନେ ମନମୁଖୀ କାର୍ଯ୍ୟ କରୁଥିବା ପରିଲକ୍ଷିତ ହେଉଅଛି । ଅନ୍ୟପକ୍ଷେ ଠିକାଦାର ଯନ୍ତ୍ରୀ ଓ ପିଇଓଙ୍କୁ ହାତଗୁଣ୍ଡା ଦେଇଥିବାରୁ ସରକାରୀ କାର୍ଯ୍ୟକୁ ତଦାରଖ କରିବା ପରିବର୍ତ୍ତେ ଏମାନେ ଆଖି ବନ୍ଦ କରି ରଖୁଥିବା ଅନୁମେୟ ହେଉଛି । ତେବେ ଜନସାଧାରଣଙ୍କୁ ସୂଚନା ନଦେଇ ବିଭିନ୍ନ ପ୍ରକାରରେ ସରକାରୀ କାର୍ଯ୍ୟ କରିବାକୁ ସାମାଜିକ କର୍ମୀ ରାଜକିଶୋର ପାତ୍ର ବିରୋଧ କରିଛନ୍ତି । ଏ ବାବଦରେ ବାଲିକୁଟି ପିଇଓ ସନ୍ୟାସୀ ବହୁଙ୍କୁ ପଚାରିବାରୁ ସୂଚନା ଫଳକ ହୋଇନଥିବା ବିଷୟରେ ସେ ଜାଣିନଥିବା କହିବା ସହ ଯଦି ହୋଇନଥିବ ତେବେ ଆଜୁ ହେବ ବୋଲି କହିଛନ୍ତି । ସୂଚନା ପାଇବା ଜନତାଙ୍କ ଅଧିକାର ହେବା ସତ୍ତ୍ୱେ ଏଥିରେ ବ୍ୟତିକ୍ରମ ଘଟୁଥିବାରୁ ଶ୍ରୀ ପାତ୍ର ପଂଚାୟତରାଜ ବିଭାଗ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୂଚନା ଫଳକ ଲଗାଇ କାର୍ଯ୍ୟ ଆରମ୍ଭ କରିବାକୁ ଏହ ଜରିଆରେ ଅନୁରୋଧ କରିଛନ୍ତି ।

ଦ.ପୂ.ରେଳବାଇ-ଟେଣ୍ଡର

ଇସରେ ଡାକ୍ତରମାନେ ଗାଇଁ ଏବଂ ଛେଳି ପାଇଁ, ସିଏଚଆର ଡିସିପିଆର ଅନୁଯାୟୀ ଲାଇସେନ୍ସ ଲାଇସେନ୍ସ (ଟି) ଏସ୍, ଏସ୍, ଏସ୍ ରେଳବାଇ ଷ୍ଟେସନ୍-୬ ୨୧୩୦୦ ବିଭାଗୀୟ କାର୍ଯ୍ୟ ଘଣ୍ଟାରେଣ୍ଟେଡ ଭିତିରେ ୨:୦୦ ଘଣ୍ଟା ପୂର୍ବରୁ ଜମା ଦେବାକୁ ପ୍ରସ୍ତାବ ମାଗୁଛି । **ଟେଣ୍ଡର ନମ୍ବର ନିମ୍ବର ୧୧୪-ଏ-ଏସ୍ଏସ୍-ସି- ଟେଣ୍ଡରିଡ-୨୫-୨୬-୬୫୬** **କାର୍ଯ୍ୟର ବର୍ଣ୍ଣନା:** "ଖଡ଼ପଡ଼ା ଡ଼ାକ୍ତରଖାନା ପୁରୁଣାଗୁଡ଼ିରେ ଗଛପରିଷ୍କାର, ଜଙ୍ଗଲସଫା ଏବଂ ପୁରୁଣାଗୁଡ଼ିଘରଗୁଡ଼ିକ ପାଇଁ ଦୈନିକଭିତ୍ତିରେ କାର୍ଯ୍ୟକରିବା" **ଟେଣ୍ଡର ସୂଚନା:** ନଂ. ୪୪,୦୫,୮୩୫.୫୦; **ବିଡ୍ ସୁରକ୍ଷା/ଇ.ଏମ୍.ଡି.:** ରୁ.୮୮,୯୦୦.୦୦; **ଟେଣ୍ଡର ମୂଲ୍ୟ/ଗଚ୍ଛିତ ମୂଲ୍ୟ:** ପ୍ରୋରେଟି ଚାର୍ଜ; **ପ୍ରୋଜେକ୍ଟ ବାବଦ:** ୩୮/୦୩/୨୦୨୬ ରୁ ୨୬/୦୩/୨୦୨୬ ; **ଫାଇଲ୍ ପ୍ରକାଶ୍ୟ LOA** ଜାରିହେବାର ତାରିଖ୍ ୦୯ ମାସ; **ବୈଧତା ବଢାଇବା:** ୧୮/୦୩/୨୦୨୬ ରୁ ୧ ୨:୦୦ ଘଣ୍ଟା ପର୍ଯ୍ୟନ୍ତ ଅଫିସ୍ ସମୟରେ ଟେଣ୍ଡରଟି ଦେଖିବାକୁ ଚାହୁଁଥିବା ବ୍ୟକ୍ତିମାନେ www.ireps.gov.in ଓୟେବସାଇଟ୍ ଯାଇ ଅନଲାଇନ୍ ଟେଣ୍ଡର ଦେଖିପାରିବେ । ଟେଣ୍ଡର ସମ୍ପର୍କିତ ଏହି ସୂଚନା ଗୁଡ଼ିକ ସମ୍ପୂର୍ଣ୍ଣ ରେଳବାଇ ଷ୍ଟେସନ୍ ଦେଖିବା ପାଇଁ ଓ ଅନଲାଇନ୍ www.ireps.gov.in ରେ ଦେଖିବାକୁ ମିଳିପାରିବ । (PR-1243)

ମନୋଜ ଦାସଙ୍କ ଲେଖାରେ ଥାଏ ସଂସ୍କାର ଓ ସଂସ୍କୃତିର ଜୟଗାନ
ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ

ନୀଳଗିରି, ୨୭/୦୨ (ଆ.ପ୍ର) : ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ସ୍ଥିତ 'ମନୋଜାୟନ' ପରିଷଦର ଅନେକ ସଦସ୍ୟ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ । ସ୍ୱାଗତ ଭାଷଣରେ କୁଳସଚିବ ଜୁଲୁମାନା ଦାସ, ମନୋଜ ଦାସଙ୍କ ଲେଖନୀରେ ହାସ୍ୟରସ, ଗଭୀର ଅନ୍ତର୍ଦୃଷ୍ଟି ଓ ରହସ୍ୟର ସୁନ୍ଦର ସମନ୍ୱୟ ବିଷୟରେ ଆଲୋକପାତ କରିଥିଲେ । ସଞ୍ଚାଳିତ ଅତିଥି ଭାବେ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣରେ ବାଲେଶ୍ୱର ଜିଲ୍ଲାର ଶଂଖାରୀ ଗ୍ରାମରେ ଜନ୍ମିତ ବାସ୍ତୁ ଓ ବିଶିଷ୍ଟ କଳାକାର ମନୋଜ ଦାସଙ୍କ ସାହିତ୍ୟିକ ଜୀବନ ତଥା ପରିଚୟ ଉପସ୍ଥାପନ କରିଥିଲେ । ସେ

ମନୋଜ ଦାସଙ୍କ ଓଡ଼ିଆ ଓ ଇଂରାଜୀ ଭାଷାର ବିଭିନ୍ନ ରଚନାର ବୈଶିଷ୍ଟ୍ୟ ଉଲ୍ଲେଖ କରି, ପ୍ରତିଷ୍ଠିତ ଲେଖକମାନଙ୍କ ଦ୍ୱାରା ତାଙ୍କ ବିଷୟରେ କୁହାଯାଇଥିବା ମତାମତର ଚର୍ଚ୍ଚା କରିଥିଲେ । ତାଙ୍କ ସୂକ୍ଷ୍ମ ପ୍ରେରଣାସ୍ରୋତ ଭାବେ ବାଲ୍ମୀକି ଓ ଫକୀରମୋହନ ସେନାପତିଙ୍କ ପ୍ରଭାବକୁ ସେ ବିଶେଷ ଭାବେ ଉଦ୍ଧୃତ କରିଥିଲେ । ଏଥିସହ କାର୍ଯ୍ୟକ୍ରମରେ ଆମନ୍ତ୍ରିତ ସଙ୍ଗୀତଜ୍ଞ ଅତିଥି ପ୍ରଫେସର ନିରଞ୍ଜନ ପାଢ଼ୀ ନିଜର ବକ୍ତବ୍ୟରେ କହିଥିଲେ ଯେ ମନୋଜ ଦାସଙ୍କ ଲେଖନରେ ଗଭୀର ଚିନ୍ତନ ଓ ଦାର୍ଶନିକ ଅନୁଭୂତିର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ । ତାଙ୍କ ରଚନା ପାଠକଙ୍କୁ ଶୌନ୍ଦର୍ଯ୍ୟତାର ସୀମା ଉଲ୍ଲଙ୍ଘନ କରି ଆଧିଭୌତିକ ଚେତନାର ଦିଗକୁ ନେଇଯାଏ । ମନୋଜ ଦାସଙ୍କ ଲେଖନୀରେ ସଂସ୍କାର ଓ ସଂସ୍କୃତିର ଜୟଗାନ ଗହିଆଏ ଏବଂ ତାଙ୍କ ସାହିତ୍ୟ ମଣିଷର ସାହିତ୍ୟଚେତନାକୁ ସଂଶୋଧିତ କରେ ବୋଲି ସେ ମତ ପ୍ରକାଶ କରିଥିଲେ । ସ୍ୱାଗତୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଅଭିଭାଷଣରେ ମନୋଜ ଦାସଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି, ତାଙ୍କ ରଚନାର ଚିରସ୍ଥାୟୀ ପ୍ରଭାବ ବିଷୟରେ ମତାମତ ରଖିଥିଲେ । ଏହି ଅବସରରେ ୨୦୨୩, ୨୦୨୪ ଓ ୨୦୨୫ ବର୍ଷରେ ଓଡ଼ିଆ ଭାଷା ସଞ୍ଚାଳନରେ ସ୍ୱାତନ୍ତ୍ର ସ୍ତରରେ ସର୍ବୋତ୍କୃଷ୍ଟ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ 'ମନୋଜ ଦାସ ସ୍ୱାରକୀ ସ୍ୱର୍ଣ୍ଣପଦକ' ପ୍ରଦାନ କରାଯାଇଥିଲା । ୨୦୨୩ ପାଇଁ ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦାରୋଡର ତରଲିମା ଖାଡୁନ; ୨୦୨୪ ପାଇଁ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ, ତିହିଡ଼ିର ଲକ୍ଷ୍ମୀପ୍ରିୟା ଭୋଇ; ଏବଂ ୨୦୨୫ ପାଇଁ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଲର ମୀମୁମୀ ଦାସ ସ୍ୱର୍ଣ୍ଣପଦକରେ ସମ୍ମାନିତ ହୋଇଥିଲେ । ସୂଚନାଯୋଗ୍ୟ, ବାଲେଶ୍ୱର ସ୍ଥିତ 'ମନୋଜାୟନ' ପରିଷଦର ପ୍ରବଂ ଅର୍ଥରେ ଛାତ୍ରଛାତ୍ରୀଙ୍କୁ ଏହି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଓ ସୁତାରୁ ପରିଚାଳନା ବାୟିତ୍ୱ ଲାଷ୍ଟ ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼ଦ୍ଧର ଦେବାଶିଷ ପାତ୍ର ନିର୍ବାହ କରିଥିଲେ । ଲାଷ୍ଟ ଓ ସାହିତ୍ୟ ବିଭାଗର ଗବେଷଣାରତ ଛାତ୍ର ବାବୁଲ ପ୍ରଧାନ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ । ଏହି ସାହିତ୍ୟିକ ବୈଠକ ମନୋଜ ଦାସଙ୍କ ଅମର ସୃଷ୍ଟି ଓ ସାହିତ୍ୟିକ ଦୃଷ୍ଟିକୋଣକୁ ପୁନର୍ମୂଲ୍ୟାୟନ କରି ଛାତ୍ରଛାତ୍ରୀମାନଙ୍କ ପାଖରେ ପଢ଼ିବାଲାଭାରେ ସଫଳ ହୋଇପାରିଛି ।

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବାଲିଆପାଳ, ୨୭/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ର ସଭାପତି ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ସଞ୍ଜିତ କୁମାର ପାତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମାଆ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଧ୍ୟାତ୍ମିକ ବାତାବରଣରେ ଶିକ୍ଷା ଦେଇଥାଏ ଆଧୁନିକ ସମାଜରେ ଛାତ୍ର ଛାତ୍ରୀଙ୍କ ପାଇଁ ଏଭଳି ବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଖବରଦାତା ଅଜୟ କୁମାର ସାହୁ ଯୋଗଦେଇ ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟ ମାନଙ୍କ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସିମୁଳିଆ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ଯଶୋବନ୍ତ ଜେନା,ମାତୃପ୍ରେମୀ କରୁଣା ଦେବେହରା, ସତ୍ୟଜିତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ଥିଲେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ଜେନା ଅତିଥି ପରିଚୟ ଏବଂ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଶିକ୍ଷକ ତପନ କୁମାର ସି ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ ।

ଆକର୍ଷଣ ଡିଜାଇନର ସହ ଖୋଲିଲା ନୂତନ ଗହଣା ଶୋରୁମ

ବାଲିଆପାଳ, ୨୭/୦୨ (ଆ.ପ୍ର) : ବାଲିଆପାଳ ସିମୁଳିଆ ବଜାର ଜଗନ୍ନାଥ ମନ୍ଦିର ରାସ୍ତାରେ ଖୋଲିଲା ନ୍ୟୁୟୁ କମଳା ସୁନା ଦୋକାନ ସମସ୍ତ,ସୁନା, ରୂପା ଓ ହୀରା ଅଳଙ୍କାର ଉପରେ ଆକର୍ଷଣୀୟ ଡିଜାଇନ ରିଜାଇଡ ସହିତ ଲୋଡ଼ିକୁ । ପ୍ରଥମ ଦିନରେ ବାଜାଜ ଦେଉଛ ସ୍ମୃତି । ବାଲିଆପାଳ ବ୍ଲକ ସିମୁଳିଆ ବାଜାର ଜଗନ୍ନାଥ ମନ୍ଦିର ରାସ୍ତା ପାଖରେ ଆଜି

ଖୋଲିଲା ନୂତନ ଗହଣା ସୋରୁମ । ଦୋଳପୂର୍ଣ୍ଣିମା ଅବସରରେ ଆପଣ ମାନଙ୍କ ପାଇଁ ନିଜ କମଳା ଜୁୟେଲାରୀ ନେଇ ଆସିଛି ଆକର୍ଷଣ ଧମାକା ଅଫ । ବିଭିନ୍ନ ପ୍ରକାରର ସୁନା ଗହଣା, ସହିତ ରୂପା ଅଳଙ୍କାର ଏବଂ ହୀରା ଅଳଙ୍କାର ସମେତ ମନପସନ୍ଦର ସହିତ ସୁଲଭ ମୂଲ୍ୟରେ ଏଠାରେ ମିଳେ ।

ବାଲିଆପାଳ ଖଗଡାପାଳରେ ଉଦ୍‌ଘାଟିତ ହେଲା ସୁମିତ୍ରା ବିୟୁଟି ପାର୍ଲର

ବାଲିଆପାଳ, ୨୭/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଖଗଡାପାଳ ନିଜଟରେ ଏକ ଅତ୍ୟାଧୁନିକ ପ୍ରସାଧନ କେନ୍ଦ୍ର ସୁମିତ୍ରା ବିୟୁଟି ପାର୍ଲର ଉଦଘାଟିତ ହୋଇଯାଇଛି । ଝିଅ ଶୁଭଲକ୍ଷ୍ମୀ ସାହୁ ଓ ପୁତ୍ର ଶୁଭମ୍ ଜୁମାର ସାହୁ ପିତା ଜାତି ଏହାକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲା ବେଳେ ଅନ୍ୟ ଅତିଥିମାନେ ଉପସ୍ଥିତ ରହିଥିଲେ । 'ସୁମିତ୍ରା ବିୟୁଟି ପାର୍ଲର'ର ଉଦ୍ଘୋଷକ ସୁମିତ୍ରା ସାହୁ ଓ ସ୍ୱାମୀ ଶୁଶାନ୍ତ ସାହୁଙ୍କୁ ପ୍ରତ୍ୟେକ ମହଲରୁ ଉଚ୍ଚାଳିତ କରିବାକୁ ଅତିଥିମାନେ ଆହ୍ୱାନ କରିଥିବା ବେଳେଫେସୁମିତ୍ରା ବିୟୁଟି

ପାର୍ଲର'ର ବ୍ୟବସାୟିକ ସମ୍ଭାବନା ଜାନାନ କରିଥିଲେ ସୁମିତ୍ରା ବିୟୁଟି ପାର୍ଲର'ର ମୁଖ୍ୟ ସୁମିତ୍ରା ସାହୁ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହି ନୂତନ ବିୟୁଟି ସେଂଟର ସ୍ଥାପନର ଆଲିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସମସ୍ତଙ୍କ ପାଇଁ ଲାଭିଷ୍ଟ ଏହି ସେଂଟରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଯୁକ୍ତ ମେସିନ ସାହାଯ୍ୟରେ ହେୟାର ଷ୍ଟାଇଲ, ଓ ଥେରାପି, ହେୟାର ଏକ୍ସେଟେନସନ, ହେୟାର ଟ୍ରାନ୍ସପ୍ଲାଣ୍ଟ, ସ୍କିନ ଟ୍ରିଟମେଂଟ, ମେକ୍-ଅପ୍ ପ୍ରଭୃତି ସହିତ କୁଶଳୀ ଆର୍ଟିଷ୍ଟଙ୍କ ଦ୍ୱାରା ଡ୍ରାଇଜଲ ମେଇଅପ ସେବା ପ୍ରଦାନ ହେବ ବୋଲି ସୁମିତ୍ରା କହିଥିଲେ ।

ଗୋପାଳଜୀଉ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା

ଦଶପଲ୍ଲା, ୨୭/୦୨ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ୨ନମ୍ବର ଖିଡ଼ି ନାହାଣପଡା ଗ୍ରାମ ରେ ନୂତନ ଭାବେ ଶ୍ରୀ ଶ୍ରୀ



ଗୋପାଳ ଜୀଉ ମନ୍ଦିର ତଥା ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଶତାଧିକ ମହିଳା ଓ ପୁରୁଷ କୁଆଁଗାଆ ନଦୀ ତଟରୁ ଜଳ କଳସ ଧରି ବିରାଟ ଶୋଭାଯାତ୍ରା ରେ ମନ୍ଦିର ନିକଟରେ ପହଂଚି ଥିଲେ । ନଦୀଆ କୀର୍ତ୍ତନର ତାଳେ ତାଳେ ଓ ବେଦଜ୍ଞ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ ସମସ୍ତ ପରିବେଶ ଆଧ୍ୟାତ୍ମିକତା ରେ ଗୁଞ୍ଜାଇତ ହୋଇଉଠିଥିଲା । ଏହି କାର୍ଯ୍ୟକ୍ରମ ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେରେରା ଯୋଗ ଦେବା ସହିତ ମେଡିକାଲ ଛକ ଠାରୁ ବିରାଟ କଳସ ଶୋଭାଯାତ୍ରା ରେ ଆସି ନାହାଣପଡାର ନୂତନ ଭାବେ ତିଆରି ଶ୍ରୀ ଶ୍ରୀ ଗୋପାଳଜୀଉ ମନ୍ଦିର ନିକଟରେ ପହଂଚି ଥିଲେ । ନାହାଣପଡ଼ାର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା ।

ବାଲି ଖାଦାନ ନିଲାମ ପାଇଁ ଜନଶୁଣାଣୀ ଅନୁଷ୍ଠିତ



ଜଳେଶ୍ୱର, ୨୭/୦୨ (ଆ.ପ୍ର) : ବାଲି ଖାଦାନ ନିଲାମ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହେଉଥିବା ବେଳେ ସପକ୍ଷ ଏବଂ ବିପକ୍ଷବାଦୀଙ୍କ ମଧ୍

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭାବପ୍ରବଣତା

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟଙ୍କେହି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ । କାମ କରିବାକୁ ଲଜ୍ଜା ହୁଏନି । ମନରେ ସମସ୍ତ ପ୍ରକାରର ନକରାତ୍ମକ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସାକ୍ଷୀଖାଳ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଭଉଦେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟହେଲା ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ ଋତି କଳାପରି ମନ ଭଦେଖାର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ଜହତିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଉଦ୍‌ବେଗ ସମୟରେ ଆମେ ସାଥୁଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ସେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମ୍ବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମପାଖୁ ସେହି ବ୍ୟବହାର ଚାହିଥା'ନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର ଜାତ କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଯୋର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ । ସମବେଦନା ଜଣାଇବା ପାଇଁ କିମ୍ବା ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କଠାରୁ ସମବେଦନା ହିଁ ଆଶା କରିଥାଏ । ସମ୍ବେଦନଶୀଳ ମନୋଭାବ ଏକ ଭଲକୋଟିର ମାନବୀୟ ଗୁଣ । ଏହା ଆମ ଜୀବନର ଏକ ବିଶେଷ ସମ୍ପତ୍ତି । ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଉ । ପରସ୍ପରର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ମମିଳିକେ ଆମେ ସୁଖ, ଶାନ୍ତିରେ ରହିପାରିବା ନାହିଁ । ଜୀବନରେ ଯେତେ ଯାହା ସଫଳତା ମିଳୁ ପଛରେ ଶାନ୍ତି ଓ ଆନନ୍ଦରେ ରହିବା ପାଇଁ ଦେଖେ ସମସ୍ତଙ୍କ ସହିତ ସହଭାଗୀ ରୂପେ ସମ୍ବେଦନଶୀଳ ହୋଇ ରହିବା ଜରୁରୀ । ପରସ୍ପର ପ୍ରତି ସମ୍ବେଦନଶୀଳତା ହିଁ ଏକ ସଫଳ ଜୀବନର ମାପକାଠି । ସଦ୍‌ଭାବନା, ସହୃର୍ଦ୍ଦ ହିଁ ସମ୍ଭବ ହୁଏ ସତସଙ୍ଗ ମିଳିଲେ । ସମ୍ବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏହି ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବିଘ୍ନ ତଥା ଅବସାଦକୁ ଦୂର କରିପାରିବ । ଏକ ସୁଖମୟ, ଶାନ୍ତିମୟ ଓ ସଫଳ ଜୀବନ ପାଇଁ ସମ୍ବେଦନଶୀଳ ମନୋଭାବକୁ ସମୃଦ୍ଧ କରିବା ନିହାତି ଜରୁରୀ ଏହା ଏକ ସାଧନା ସାଧନା କରେ ହିଁ ସିଦ୍ଧି ସମ୍ଭବ ହେବ । ଆମ ଜୀବନରେ ଅନ୍ୟମାନଙ୍କ ସହିତ ସୁଖ, ଶାନ୍ତି ଓ ସଫଳ ଭାବେ ରହିବାକୁ ହେଲେ ସମ୍ବେଦନଶୀଳ ମନୋଭାବ ହିଁ ଏକ ଶକ୍ତିଶାଳୀ ବସ୍ତତା । ତେଣୁ ସମ୍ବେଦନଶୀଳ ମନୋଭାବକୁ ସଜାଗ ରାଖିବାକୁ ହେଲେ ଯେଉଁ କାର୍ଯ୍ୟକୁ ଦୂରେଇ ରହିବାକୁ ହେବ ତାହା ହେଉଛି । ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବରେ ସହୃଦୟତା ଆବଶ୍ୟକ । ଅନ୍ୟର କଥା ଶୁଣିବାକୁ, ମନର ଆବେଦନକୁ ବୁଝିବାକୁ ମନରେ ପ୍ରକୃତ ଆଗ୍ରହ ଥିବା ଦରକାର । କିନ୍ତୁ ଅଧିକାଂଶ ଲୋକଙ୍କର ଏଥିପ୍ରତି ପ୍ରକୃତ ଆଗ୍ରହ ନଥାଏ । ଗୋଷ୍ଠୀରେ ରହିଥବାରୁ ଅନ୍ୟର କଥା ଅବା ଦୁଃଖ ବିଷୟ ଶୁଣି ସମ୍ବେଦନା ଜଣାଇବାଟା ଦରକାର ବୋଲି ବାଧରେ କରିଥାନ୍ତି । ଏଥିରେ ସେମାନଙ୍କର ଆନ୍ତରିକତା ନଥାଏ ଅବା ଆଗ୍ରହ ନଥାଏ । ମୁଖଁରେ ହସରି ବି ପ୍ରକୃତ ହସ ନଥାଏ । ଏଯାକୁ କୁହାଯାଏ ଛଳନା ଅବା ଅଭିନୟ । ଲୋକ ଦେଖାଣିଆ ଭାବରେ ଆହା କହିଦେଲେ ସମ୍ବେଦନଶୀଳତା ହୋଇଯାଏନାହିଁ । ଏବେକାର ସମାଜରେ ଆମେ ସବୁ ଏକ ଯାନ୍ତ୍ରିକ ଜୀବନଯାପନ କରୁଛେ । ଧରାବନ୍ଧା ନିୟମ ପରି ସ୍ନେହ, ଶ୍ରଦ୍ଧା ସମ୍ପର୍କ ବି ଛଳନାପୂର୍ଣ୍ଣ ହେଉଗଲାଣି । ଆମେ ଅଭିନୟ କରି କଥା କହିଲେ ଆମକୁ କେହି ବି ବିଶ୍ୱାସ କରିବ ନାହିଁ । ଆମେ ଅନ୍ୟକୁ ବୋକା ବୋଲି ଭାବିବା ଅନୁଚିତ୍ । ଏଣୁ ସମ୍ବେଦନଶୀଳତାରେ କେବେବ ଛଳନା ବା ଅଭିନୟ କରିବା ନାହିଁ । ସମ୍ବେଦନଶୀଳତା ଖାଲି କଥାରେ ସୀମିତ ହୋଇ ରହିଲେ ଏହା ମୂଲ୍ୟହୀନ ହୋଇ ପଡ଼ିବ ।

ବିରଳ ରୋଗ: ଅଦୃଶ୍ୟ ସମସ୍ୟା ବନାମ ସାମୂହିକ ଦାୟିତ୍ୱ

॥ ଡା. ହୃଷିକେଶ ପାତ୍ର ॥

ଫେବୃଆରୀ ମାସର ଶେଷ ଦିନଟି ଆସିଲେ ବୁଲିଲି ରୋଗ ନେଇ ଆଲୋଚନା ହୁଏ । ଆଲୋଚ ଜଳେ, ସଚେତନତାର ସନ୍ଦେଶ ଛଡ଼ାଯାଏ । କିନ୍ତୁ ପ୍ରଶ୍ନ ଉଠେ, ଏହି ଆଲୋଚ କେତେ ପରକୁ ପହଂଚି ପାରୁଛି ? ଯେଉଁଠାରେ ରୋଗ ଅଛି, କିନ୍ତୁ ନାମ ନାହିଁ; ଯେଉଁଠାରେ ବ୍ୟଥା ଅଛି, କିନ୍ତୁ ଚିହ୍ନଟ ନାହିଁ, ସେଠାକୁ ଆମର ଦୃଷ୍ଟି କେତେ ପହଂଚୁଛି ?

ବିରଳ ରୋଗ ବୋଲି ଯାହାକୁ କୁହାଯାଏ, ସେଗୁଡ଼ିକ ସଂଖ୍ୟାରେ କମ୍ ଲୋକଙ୍କୁ ପ୍ରଭାବିତ କରେ । କିନ୍ତୁ ସେହି 'କମ୍' ମିଶିଲେ ଚିନ୍ତାର ବଡ଼ ହୋଇଯାଏ । ନିରାଧିକ ଲୋକ ଏହିପରି ରୋଗ ସହ ଜୀବନ କାଟୁଛନ୍ତି । ଜେହି ଶିଶୁଟିପ୍ରାପ୍ତ, ଜେହି ବୟସ୍କ ହେବା ପରେ ତ ଅନେକ ରୋଗ ଜନ୍ମସିଦ୍ଧ, ବଂଶାନୁକ୍ରମିକ, ଏବଂ ଦୀର୍ଘ ସମୟ ଧରି ଶରୀରକୁ କ୍ଷୟ କରେ । ଏହି ରୋଗଗୁଡ଼ିକ ଏମିତି, ଯେଉଁଥିରେ ଡିକିଲା ମାନେ କେବଳ ଔଷଧ ନୁହେଁ, ବରଂ ସହନଶୀଳତା, ଧୈର୍ଯ୍ୟ ଓ ଦୀର୍ଘ ସମୟର ଲଢ଼େଇ । ବିରଳ ରୋଗର ପରିଧି ବହୁ ବିସ୍ତୃତ । ଏହା କେବଳ ଗୋଟିଏ ବୁଝିଟି ରୋଗରେ ସୀମିତ ନୁହେଁ । ଯେପରିକି ସିକ୍ଲିଲ ସେଲ୍ ଆନିମିଆ, ଥାଲାସେମିଆ, ହିମୋଫିଲିଆ ସାଧାରଣ ଅନୁମେୟ ହେଲେ ମଧ୍ୟ ଜୀବନଘାତୀ ହୋଇପାରେ, ମଷ୍ଟାଲାର ଡିଷ୍ଟ୍ରୋଫି ଶରୀରର ପେଶୀକୁ ଧୀରେ ଧୀରେ ଦୁର୍ବଳ କରିଦେଇଥାଏ । ସେହିପରି ଥାଲାସେମିଆ, ଷ୍ଟାଲାଲ୍ ମଷ୍ଟାଲାର ଏଟ୍ରୋଫି ପରି ଅନେକ ଜନ୍ମଜାତ ଓ ବିରଳ ରୋଗ ରହିଛି, ଯାହା ସମ୍ପର୍କରେ ସାଧାରଣ ଲୋକଙ୍କର ଜ୍ଞାନ ଅତ୍ୟନ୍ତ ସୀମିତ । ଫଳରେ ରୋଗର ନାମ ଅଜଣା ହେବା ସହ ଏଥିସହ ଜଡ଼ିତ ଯନ୍ତ୍ରଣା ଗଭୀର ହୋଇଥାଏ । ସମସ୍ୟାଟି ଏତିରେ ଶେଷ ହୁଏନି, ସବୁଠାରୁ ବଡ଼ ଅସୁବିଧା ହେଉଛି ରୋଗଟି ଚିହ୍ନଟ ହେବାରେ ବିଳମ୍ବ । ଅନେକ ସମୟରେ ରୋଗୀ ଦୀର୍ଘ ବର୍ଷ ଧରି ଅନେକ ଡାକ୍ତରଙ୍କ ପାଖକୁ ଯାଆନ୍ତି, ତଥାପି ସଠିକ ନିଦାନ ମିଳେନି । ଏହି ବିରଳ ରୋଗକୁ ଆହୁରି ଜଟିଳ କରେ । ପରେ ଆସେ ଚିକିତ୍ସାର ଖର୍ଚ୍ଚ, ଯାହା ଅନେକ ପରିବାର ପାଇଁ ଅସହ୍ୟ ଭାର ଭାବେ ଭଲା ହୁଏ । ଏଥିସହ ସମାଜର ଅବଜ୍ଞା ଓ ଅଜ୍ଞାନତା ରୋଗୀଙ୍କୁ ଅଲଗା କରିଦିଏ ସହ ଏକାକୀତା ଭିତରକୁ ନେଇଯାଏ ।

ଏହି ଦିନକୁ ପାଳନ କରିବାର ପ୍ରାଗମ୍ଭ ବୁଝ ବଶକ ପୂର୍ବରୁ ଏକ ସଚେତନତା ପ୍ରୟାସ ଭାବେ ହୋଇଥିଲା । ଇଦେଶ୍ୟ ବେଶ୍ ସରଳ ଥିଲା, ଯେଉଁମାନେ ଅଦୃଶ୍ୟ ଭୋଗ ରହି ଯାଇଥିଲେ, ସେମାନଙ୍କୁ ଏବଂ ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିବା । ତେବେ ଆଜି ଏହା ଅନେକ ଦେଶରେ ପାଳିତ ହେଉଥିବା ସତ୍ତ୍ୱେ, ଏହାର ମୂଳ ସମସ୍ୟାରେ ସୁଧାର ଆସିପାରୁନି । ବିରଳ ରୋଗ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଏକ କଠିନ ପ୍ରଶ୍ନ ପଚାରେ । ଆମେ ଦେବଳ ସାଧାରଣ ରୋଗ ପାଇଁ ପ୍ରସ୍ତୁତ, ନା ଅସାଧାରଣ ରୋଗକୁ ବୁଝିବା ପାଇଁ ମଧ୍ୟ ସଜାଗ ? ଏଥିସହ ଏହା ଡାକ୍ତରଙ୍କ ଜ୍ଞାନର ପରୀକ୍ଷା, ସରକାରଙ୍କ ନୀତି ସଂଗଠନ, ଓ ସମାଜ ପାଇଁ ସମବେଦନାର ବିଷୟକୁ ଗୁରୁତ୍ୱ ଦେଇଥାଏ । ତେବେ ଆଲୋଚ ଜଳାଇବା, ରଙ୍ଗ ପିନ୍ଧିବା, କାର୍ଯ୍ୟକ୍ରମ କରିବା; ସଚେତନତା ପାଇଁ ଏସବୁ ଆବଶ୍ୟକ, କିନ୍ତୁ କେବଳ ଏଥିରେ ସୀମିତ ରହିଲେ ଚଳିବ ନାହିଁ । ବର୍ତମାନର ବଡ଼ ଆହ୍ୱାନ ହେଉଛି, ଚିକିତ୍ସାଧାରାରେ ପରିବର୍ତନ । ଏଥିସହ ରୋଗୀଙ୍କୁ ଦୟାର ଦୃଷ୍ଟିରେ ନୁହେଁ ଅଧିକାରର ଦୃଷ୍ଟିରେ ଦେଖିବା, ସୁବିଧାକୁ କେତେକଙ୍କ ପାଇଁ ନୁହେଁ ବରଂ ସମସ୍ତଙ୍କ ପାଇଁ ସୁଲଭ କରିବା ଆଦି ବିଷୟକୁ ବି ଗୁରୁତ୍ୱ ଦେବା ଜରୁରୀ । ସର୍ବୋପରି, ଫେବୃଆରୀର ଏହି ଶେଷ ଦିନଟି ଅନ୍ୟର ବ୍ୟଥାକୁ ଶୁଣିବା ତଥା ସହଯୋଗ ଓ ସାନ୍ତ୍ୱନା ପ୍ରଦାନ କରିବା ଭବିଷ୍ୟତର ସ୍ମରଣୀୟ ହେଉ ।

ଏସବିବି ମେଡ଼ିକାଲ କଲେଜ ଓ ହସପିଟାଲ (ବଡ ଚିକିତ୍ସା ବିଭାଗ)
ମୋ: ୭୯୬୮୭୮୫୮୬୨

ଯଜ୍ଞ ହିଁ ଜୀବନର ଉତ୍ସ

॥ ହୃଶିକେଷ ପୁହାଣ ॥

ବେଦ ହିଁ ଭାରତୀୟ ସଂସ୍କୃତିର ମୂଳଧାରା । ଆଜିକାଲି ଏହି ଆଧୁନିକ ଯୁଗରେ ଯଦି ଗୋଟିଏ ଠାରେ କିଂବଦ୍ଦ ମାତ୍ର। ଆଲୋଳର ସନ୍ଧାନ ମିଳୁଥାଏ ତେବେ ତାହା କେବଳ ବେଦ ମାନଙ୍କ ଯୋଗୁଁ । ଏହା ସମସ୍ତ ଧର୍ମମତିର ଜ୍ଞାସ । ଭାରତୀୟ ମୁନିଋଷିମାନେ ସମଗ୍ର ବିଶ୍ୱ ତଥା ମାନବ ଜାତିର କଲ୍ୟାଣ ନିମନ୍ତେ ଏବଂ ସମସ୍ତ ଲୋକର ସୁଖ, ଶାନ୍ତି ଓ ଉତରୋତର ସମୃଦ୍ଧି ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଥିଲେ । କେବଳ ସେତିକି ନୁହେଁ ଯେଉଁଥିପାଇଁ ପ୍ରାର୍ଥନା କରୁଥିଲେ ତାହାର ଉପାୟ ମଧ୍ୟ ନିର୍ଦ୍ଧାରଣ କରି ଜଗତକୁ ଦେଖାଇଥିଲେ । ତାହା ହେଉଛି 'ଯଜ୍ଞ କର୍ମ' । ଯଜୁର୍ବେଦରେ ଯଜ୍ଞ ବିଷୟରେ ବିଶଦ ଭାବେ ବର୍ଣ୍ଣିତ । ଯଜୁର୍ବେଦରେ ବିଦ୍ୟା ଶକ୍ତି ତଥା ବେଦତା ମାନଙ୍କୁ ସ୍ତୁତି କରାଯାଇଛି । ତାହାପଦରେ ସ୍ୱର୍ଗ, ଶସ୍ୟ, ଶୁଭ ଓ ସମ୍ପତି, ପ୍ରାଚୁର୍ଯ୍ୟ ପ୍ରଚଳ୍ୟ ମାନବ ଜାତିକୁ ଉପଲବ୍ଧ ହୋଇଥାଏ । ଯଜ୍ଞ ମୁଖ୍ୟତଃ ଅଗ୍ନି ଉପାସନା । ମାନବର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟ ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ । ଅଗ୍ନିକୁ ମିଳୁଥିବା ଉତ୍ସର୍ଗ ଯୋଗୁଁ ବୈଦିକ ଜନ୍ମଟି ପରିଣାମିତ ହୁଏ । ତାହା ସଂସ୍ଥାଧିକୁ ମଧ୍ୟ ତୀଷ୍ଣ କରାଏ । ଯଜ୍ଞରେ ଦିଆଯାଇଥିବା ଆହୁତି ଫଳରେ ଆବଶ୍ୟକ ପରିମାଣର ବର୍ଷା ହୁଏ ଓ ଧରିତ୍ରୀ ଶସ୍ୟଶ୍ୟାମଳା ହୁଏ । ଜନ ମାନସରେ ନିରାପତ୍ତା ଓ ସୁରକ୍ଷିତ ଭାବ ଦେଖାଦିଏ । ଶାସ୍ତ୍ର ମତରେ ସମୁଦ୍ର ଗର୍ଭରେ ମଧ୍ୟ ଅଗ୍ନି ଅଛି । ଭଗବାନ ନିଜେ ମଣିଷ ଦେହରେ ବୈଶ୍ୱାନର ଅଗ୍ନି ରୂପେ ବିଦ୍ୟମାନ ।

ମାନବ ଶରୀରରେ ସବୁଦିନି ଥାଏ ବୋଲି ଶାସ୍ତ୍ରମାନେ କହନ୍ତି । ତୁଳନା କରି କୁହାଯାଇଛି ମଣିଷର ହୃଦୟ ହେଉଛି ଯଜ୍ଞମଣ୍ଡପ, ଦେହ ଯଜ୍ଞକୁଣ୍ଡ, କେଶଗୁଣି ଦୂର୍ବାଦଳ, ଇଚ୍ଛାଗୁଡ଼ିକ ସମିଧ ଯାହା ସାହାଯ୍ୟରେ ଅଗ୍ନିକୁ ଜଳାଇ ରଖାଯାଏ । କାମନାବାସନା ହେଉଛି ଘୃତ, ଆମପାରେ ଥିବା କ୍ରୋଧ ବଳି ପଶୁର ପ୍ରତୀକ । ପ୍ରଜ୍ୱଳିତ ଅଗ୍ନି ଆମ ତପସ୍ୟାର ଫଳ । ଲୋକେ ଭାବନ୍ତି ଏକ ଗୋଡ଼କିଆ ବା ଗୁଣ୍ଡନଜଳୁ ଓ ଗୋଡ଼ ଉପରେକୁ ରଖି ଦଣ୍ଡାୟମାନ ହେବା ତପସ୍ୟା । କୌଣସି ପ୍ରକାର ଦୈହିକ କ୍ରିୟା ତପସ୍ୟା ପଦବାଚ୍ୟ ନୁହେଁ । ଭଗବାନ ସତ୍ୟସାଇ ବାବାଙ୍କ ମତରେ, ମଣ୍ଡଳର ଭାବନା, ବଚନ ଓ କର୍ମ ଭିତରେ ଯଦି ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇପାରିଲା ସେଠାରେ ହିଁ ଅଗ୍ନିର ଜ୍ଜଳନ୍ତା ପ୍ରକଟିତ ହୋଇଥାଏ, ତାହା ହିଁ ତପସ୍ୟା ।

ଶାସ୍ତ୍ର ଉପନିଷଦରେ ଗଳ୍ପେଖ ରହିଛି ଯଜ୍ଞ ଏପରି ଏକ ସାଧନ, ତାହା ହେଉଛି 'ପୁଣ୍ୟଶ୍ରୁ ନିତ୍ରାତ୍ୟାଗ ଦେବଠାରୁ ରାତ୍ରିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ କରାଯାଇଥିବା ପ୍ରତ୍ୟେକଟି କର୍ମକୁ ଯଦି ନୀତି ଓ ନିୟମାନୁସାରେ କରାଯାଏ, ତେବେ ତାହାକୁ ମଧ୍ୟ ଏକ ଯଜ୍ଞ କୁହାଯାଇପାରିବ । ପରିଶେଷରେ ଯେଉଁ ଯଜ୍ଞ (କର୍ମ) ନିଃସ୍ୱାର୍ଥଭାବ ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ କରାଯାଏ, ଯେଉଁଥିରେ ସଂସାରର ଶାନ୍ତି ଓ ସମୃଦ୍ଧି ନିହିତ ଥାଏ ତାହା କେବଳ ଭଗବାନଙ୍କ ଦ୍ୱାରା ସ୍ତୁତିତ ହୋଇଥାଏ । କାରଣ ସେ ହିଁ ଯଜ୍ଞ । ଯଜ୍ଞମୂଳ ଓ ସେହି ଯଜ୍ଞପୁରୁଷ । ସେ ସବୁକିଛି, ସେ ସବୁ କିଛି ବୋଲି ସଚେତନ ଥାଇ ଯାହାସବୁ କରାଯାଏ ତାହା ଯଜ୍ଞ ପାଳିତିଆଏ । ମହାଭାରତ ଯୁଦ୍ଧ ଏହି ସଚେତନତାର ସହ ହୋଇଥିଲା ତାହା ଏକ ଯଜ୍ଞରେ ପରିଣତ ହୋଇଗଲା ।

ଅତଏବ ଦକ୍ଷ ଯଜ୍ଞରେ ଈଶ୍ୱରଙ୍କୁ ଯଥାଯୋଗ୍ୟ ସମ୍ମାନ ଦିଆଯିବାରୁ ଯଜ୍ଞଟା ଯୁଦ୍ଧରେ ପରିଣତ ହୋଇଗଲା । ବଡ଼ ଖୁସିର କଥା ନିକଟରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ନବମତମ ତଡ଼ିବ ପୁରର ନାମଯଜ୍ଞ ଜଗତସିଂହପୁର ଜିଲ୍ଲା ଆଇନୋ ଗ୍ରାମର ଆରାଧ୍ୟ ଦେବତା ଚଣ୍ଡେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞ ଜଗତସିଂହପୁର ଜାଲିପୁରା ଅଂଚଳରେ ପ୍ରଥମଥର ଭାବେ ଆୟୋଜିତ ହେବାସହ ସ୍ଥାନୀୟ ଆଲୋ, ଅଳିକଂଟା, କୋରଡିଆ, ବୁଢ଼ୁଣା ଗ୍ରାମର ଶ୍ରଦ୍ଧାଳୁ ମାନଙ୍କ ପ୍ରତେଷ୍ଟାରେ ଅନୁଷ୍ଠିତ ହେଉଛି । ଏଥିରେ ପଇଁଚିଗଣ୍ଡି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି । ବୃନ୍ଦାବାଣୀ ଧର୍ମପ୍ରାଣ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା । ଛଅ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯଜ୍ଞ କାର୍ଯ୍ୟରେ ଆଜୁରାରୋପଣ, ଜଳସ ଯାତ୍ରା, ମଧ୍ୟାହ୍ନ ଗଥାପନ, ଶୁଭାଧିବାସ, ପୂର୍ଣ୍ଣାହୁତି, ଅଗ୍ନିଦାତ ମହାମନ୍ତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଯୁବନେତା ଓ ବିଜେପି ବିଧାୟକ ପ୍ରାର୍ଥୀ ବାଲିକୁଦା ଏମସ ସତ୍ୟସାରଥି ମହାନ୍ତି ମୁଖ୍ୟ ଅତିଥି ଓ ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆୟୋଜକ କମିଟି ଓ ଗ୍ରାମବାସୀ ଦ୍ୱାରା ପରିଚାଳନା କରୁଛନ୍ତି । ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ପ୍ରତି ଶ୍ରଦ୍ଧା ଓ ଆଗ୍ରହ, ଏହି ମାନୋଦ୍ଭୂତି ଯଦି ଆମର ପ୍ରତ୍ୟେକ କର୍ମକୁ ଆର୍ତ୍ତି କରି ରଖନ୍ତା, ଜୀବନ ପବିତ୍ର ହୋଇଯାଆନ୍ତା । ଜୀବନଯାପନ ପଦ୍ଧତିକୁ ଗୋଟିଏ ଯଜ୍ଞ ବୋଲାଯାଇ ପାରନ୍ତା । 'ଅଗ୍ନାଶ୍ଚ ଭବଙ୍ଗିଂ ଭୂତାନି ପର୍ଜନ୍ୟାତ ଅନ୍ନ ସଂଭବଃ, ଯଜ୍ଞାତ୍ ଭବତି ପର୍ଜନ୍ୟଃ ଯଜ୍ଞଃ କର୍ମ ସମୁଦ୍ଭବଃ' ।

ଆଇନୋ, ଜଗତସିଂହପୁର, ମୁଇଲାଖ : ୭୦୦୮୪୩୮୯୫୯

ଦୋଳ ଉତ୍ସବ

॥ ଡକ୍ଟର ତପନ କୁମାର ପାଳ ॥

ଫଗୁଣ ମାସର ପୂର୍ଣ୍ଣିମା ଦୋଳ ପୂର୍ଣ୍ଣିମା ଭାବେ ଓଡ଼ିଶାରେ ଲୋକପ୍ରିୟ । ଏହି ପର୍ବରେ ଦୋଳଗୋବିନ୍ଦ ନାମରେ ପୂଜା ପାଆନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ପୁରାଣରେ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧ । ପ୍ରଭୁ ମଦନଙ୍କ ସମ୍ମାନରେ ଭାରତ ପାଳନ କରାଯାଇଥିବାରୁ କେତେକ ଶାସ୍ତ୍ରରେ ଏହାକୁ ମଦନୋତ୍ସବ ବୋଲି କୁହାଯାଇଛି । ପରେ ଏହା ଦୋଳୋତ୍ସବ ନାମରେ ଲୋକପ୍ରିୟ ହୋଇଛି । ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପାଇଁ ଏ ପର୍ବ । ଅନେକ ପୁରାଣରେ ଦୋଳୋତ୍ସବ ବିଷୟରେ ବର୍ଣ୍ଣନା କରାଯାଇଛି ।

ପଦ୍ମ ପୁରାଣ ଅନୁସାରୀ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ଦେଖୁଥିବା ବ୍ୟକ୍ତିର ସମସ୍ତ ପାପ ନାଶ ହୁଏ । କୁହାଯାଏ ପୁରାଣ ଯୁଗରେ ହିରଣ୍ୟକଶ୍ୟପ ନାମକ ରାକ୍ଷସ ପୃଥିବୀ ଉପରେ ରାଜୁତି କରୁଥିଲା । ସେ ନିଜକୁ ସ୍ୱର୍ଗ-ମର୍ତ୍ୟ-ପାତାଳର ରାଜା ବୋଲି ଦାବି କରୁଥିଲା ଏବଂ ନିଜକୁ ପୂଜା କରିବାକୁ ତ୍ରିଭୁବନବାସୀଙ୍କୁ ବାଧ୍ୟ କରୁଥିଲା । କିନ୍ତୁ ତା'ର ପୁତ୍ର ପ୍ରହ୍ଲାଦ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲା । ସେଥିପାଇଁ ସେ ଶିଶୁମାନ୍ତ ପୂଜା କରିବାକୁ ରାଜି ହେଲାନାହିଁ । ପ୍ରହ୍ଲାଦକୁ ହତ୍ୟା କରିବା ପାଇଁ ଚିରଣ୍ଟ ଅନେକ ଚେଷ୍ଟା କଲା, କିନ୍ତୁ ସଫଳ ହେଲାନାହିଁ । ଶେଷରେ ଭଲଣୀ ହୋଲିକାକୁ ସେ ଏହି ଦାୟିତ୍ୱ ପ୍ରଦାନ କଲା । ହୋଲିକା ଅଗ୍ନି ଭିତରେ ପ୍ରହ୍ଲାଦକୁ କୋଳରେ ଧରି ବସିଲା । ପ୍ରହ୍ଲାଦ ବି

ଆରମ୍ଭ

SEITHO ARAMBHA

ଶନିବାର, ୨୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ସଭା

ଆଇନ୍ ସମ୍ମତ ଶିଶୁ ହିଁ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ

ଭଦ୍ରକ, ୨୭/୦୨ (ଆ.ପ୍ର) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ନୂତନ) ଗୋଳପୁର ଭଦ୍ରକ ସଭାଗୃହ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ କୁମାର ମିଶ୍ର ସଂଚାଳନ କରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରମୋଦ କୁମାର ପୁରଚାଳ, ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟି ର ସଦସ୍ୟ ପ୍ରଦୀପ୍ତ ଜଳ, ମୁଖ୍ୟ ବକ୍ତା ରୂପେ ପୂର୍ବତନ ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷ ଡା.ଦେବରାଜ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର, ଡ଼ା .ସମାର ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଆଇନ ସମ୍ମତ ଶିଶୁ ହିଁ ପରିବାର ପାଇଁ ଯୋଗ୍ୟ ବୋଲି କହିଥିଲେ । ସେହିପରି ଅନୈତିକ ଉପାୟରେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାହା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ପ୍ରମୁଖ ବକ୍ତା ମାନେ ମତ ପୋଷଣ କରିଥିଲେ । ଏହି ଆଲୋଚନା ସଭାରେ ସମସ୍ତ ଯୋଷ୍ଟା ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ମ୍ୟାନେଜର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ,ସ ଶାଖ୍ୟ ପୋଷ୍ୟଗ୍ରାହୀ ଦମ୍ପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ଶାଖାର ସୁରକ୍ଷା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ୍, ଦମୟନ୍ତୀ ଦାଶ, ଚିପିନ ବିହାରୀ ପଲେଲ, ଆସିୟାନାର ସଂଗଠନ ଜିୟାଜ ଅହମଦ, ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଟ୍ଟନାୟକ, ଟିମ୍ ସଦସ୍ୟ ଦିଗବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋହାୟତ, ବାବୁଁ ମଲ୍ଲିକ, ରମାକାନ୍ତ ଜେନା, ଲକ୍ଷ୍ମୀକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ପରିଶେଷରେ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ବାରିକ୍‌ଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଅର୍ଦ୍ଧରାତ୍ରିରେ ବୃଦ୍ଧାଙ୍କ ଘରପୋଡି ଭସ୍ମୀଭୂତ

ଧର୍ମଗଡ଼, ୨୭/୦୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ବ୍ଲକ ନକଟିକାନି ପଂଚାୟତ ପଟେଲ ପଡ଼ା ଠାରେ ରହୁଥିବା ଏକ ଗରିବ ନିରୀହ ବୃଦ୍ଧା ମାଁଙ୍କ ଘର ଅର୍ଦ୍ଧ ରାତ୍ରିରେ ସମସ୍ତ ସାମଗ୍ରୀ ସହ ପୋଡି ପାଉଁଶ ହୋଇ ଥିବା ଦେଖି ବାବୁ ମିନି ଅଛି । ପାଖ ପଡୋଶୀ ଘର ଜଳୁଥିବା ଦେଖି ନିଆଁକୁ ଆୟତ କରିବାକୁ ଚେଷ୍ଟା କରେଯେଁ କରି ପାରି ନଥିଲେ । ଅଞ୍ଚଳେ ବୃଦ୍ଧା ସ୍ତ୍ରୀ ଟି ବିପଦଗ୍ରସ୍ତ ହୋଇ ଯାଇଛି । ଏହା ଦେଖି ପୂର୍ବତନ ସରପଂଚ ଜଡାଇ ସେନାପତି, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଙ୍କୁ ଖବର ଦେବା ମାତ୍ରେ ଘଟଣା ସ୍ଥଳରେ ସରପଂଚ ବୃଦ୍ଧା ସ୍ତ୍ରୀଙ୍କ ଶୋଇବା ପାଇଁ ଚଟି, ତକିଆ, କମ୍ବଳ, ସାଡ଼ି, ବାସନ ସାମଗ୍ରୀ, ତେଲ, ସାବୁନ୍, ସର୍ଫ, ଚପଲ, ଛତା, ପଲିଥିନ ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ବୃଦ୍ଧା ସ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ସମାଜସେବୀ ଙ୍କ ଏଭଳି ମହାନୀୟତା କାର୍ଯ୍ୟ ପାଇଁ ଅଂଚଳରେ ଧନ୍ୟବାଦ ଜଣାଇଛନ୍ତି ।

ଚିଲିକାର ପରିବେଶ ଅନୁକୂଳ-ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ବିଧାୟକ ଚିଲିକା ତଥା ପୂର୍ତ୍ତ ଆଇନ ଅବକାରୀ ବିଭାଗ ମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ

ଚିଲିକାଭୁବନେଶ୍ୱର, ୨୭/୦୨ (ଆ.ପ୍ର) : ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବ୍ରଜିତ ଆର୍ଥିକ ବର୍ଷ ବଜେଟ୍‌ରେ ଏସିଆ ମହାଦେଶର ସର୍ବବୃହତ ଲୁଣା ହ୍ରଦ ଚିଲିକାର ପରିବେଶ ଅନୁକୂଳ- ପୁନରୁଦ୍ଧାର କାର୍ଯ୍ୟ ଅଧ୍ୟନରେ ମତ୍ସ୍ୟ ସମ୍ପଦ ପୁନର୍ଜୀବିତ , ଲିଡ୍ ଚ୍ୟାନେଲ , ବାଲୁଗାଁ ଚ୍ୟାନେଲ ଭଳି ବହୁ ବିକାଶମୂଳକ କାର୍ଯ୍ୟ ଅନୁମୋଦନ ହୋଇଅଛି । ଏହି ପରିପ୍ରେକ୍ଷୀରେ ଆଜି ଓଡ଼ିଶା ସରକାରଙ୍କ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ବାସଭବନ ଠାରେ ଚିଲିକା ଗେଁବର୍ଡ ଯୁବ ମୋର୍ଚା ସଂଘର ସଭାପତି ବିଲ୍ଲାପ କୁମାର ବେହେରାଙ୍କ ନେତୃତ୍ୱରେ ଚିଲିକା ଚତୁଷ୍ପାର୍ଶ୍ୱରେ ଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟର ସଦସ୍ୟ ମାନେ ସାକ୍ଷାତ କରି ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ରାଜ୍ୟ ସରକାରଙ୍କୁ ଜିନପ୍ରଚାର ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେମାନେ ମାନ୍ୟବର ମନ୍ତ୍ରୀଙ୍କୁ ଚିଲିକାର ପରିବେଶ ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ଜୀବିକା ସୁଦୃଢ଼ିକରଣ ପାଇଁ ନିଆଯାଇଥିବା ଏହି ଐତିହାସିକ ପରକ୍ଷେପ ପାଇଁ ଧନ୍ୟବାଦ୍ ଜ୍ଞାପନ କରିବା ସହ ରାଜ୍ୟ ସରକାରଙ୍କ ପ୍ରତି ତାଙ୍କର ଆଭାର ଓ କୃତଜ୍ଞତା ବ୍ୟକ୍ତ କରିଥିଲେ । ଚିଲିକାର ପରିବେଶୀୟ ସନ୍ତୁଳନ ରକ୍ଷା, ମତ୍ସ୍ୟ ସମ୍ପଦର ବୃଦ୍ଧି ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଆର୍ଥିକ ସଶକ୍ତିକରଣ ନିମନ୍ତେ ଏହି ବଜେଟ୍ ବ୍ୟବସ୍ଥା ଏକ ଦୂରଦର୍ଶୀ ଓ ଲୋକଜନକ୍ୟାଣମୂଳକ ପଦକ୍ଷେପ ବୋଲି ସମ୍ପ୍ରଦାୟ ପକ୍ଷରୁ ମତ ପ୍ରକାଶ କରାଯାଇଛି ।

ରାଇକିଆଠାରେ ଭଳିବଲ ଟୁର୍ଣ୍ଣାମେଂଟ ସେମି ଫାଇନାଲ ଅନୁଷ୍ଠିତ

ରାଇକିଆ,୨୭/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ମାଣ୍ଡାଳେଶ୍ୱର ପଂଚାୟତ ଅନ୍ତର୍ଗତ ମୁଣ୍ଡାଳାଲୁ (ଗୁଣାଣି)ଠାରେ ବ୍ଲକ ସ୍ତରୀୟ ଭଳିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଂଟରେ ସମୁଦାୟ ଶୋଳଦଳ ଗୋଟି ଟିମ ଯୋଗ ଦେଇଥିଲେ । ପ୍ରଥମ ସେମି ଫାଇନାଲରେ ଗାମାଣ୍ଡି ଦଳକୁ ହରାଇ ମୋର୍ଟିଂଷ୍ଟାର ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମି ଫାଇନାଲରେ ରୁଦାଙ୍ଗିଆକୁ ହରାଇ ବେରେଡାଡିଆ ଫାଇନାଲରେ ପ୍ରବେଶ କରିଛି । ଆୟୋଜନ କମିଟି ପକ୍ଷରୁ ସଭାପତି ମନୋଜ ଦିଗାଲ, ଉପସଭାପତି ସୁରେଶ ନାୟକ, ସମ୍ପାଦକ ଆଲିଫ ନାୟକ, ଯୁଗ୍ମ ସମ୍ପାଦକ ପ୍ରକାଶ ନାୟକ, ଶ୍ରେଷ୍ଠ ପରିଚାଳନା ଜନସନ ଦିଗାଲ (ଗଗଲ),ଘୋଷକ ବିବେକ ନାୟକ ଏବଂ ପରାମର୍ଶ ଦାତା ବୃଦ୍ଧ ଭାବେ ପୂର୍ବତନ ସରପଂଚ ସୁରେଶ ଚନ୍ଦ୍ର ପ୍ରଧାନ, ଶ୍ୱର୍ଗ ସମ୍ପ୍ର ରାଧାମୋହନ ପ୍ରଧାନ,ବୁଲୁ ନାୟକ, ସଞ୍ଜୟ ପ୍ରଧାନ, ତାରିଣୀ ଦିଗାଲ, ବୁମେଲ ଦିଗାଲ, ପ୍ରହ୍ଲାଦ ପ୍ରଧାନ, ଶୀତଳ, ହେଲସନ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

ଜଙ୍ଗଲରେ ନିଆଁ ଦାଉରୁ ରକ୍ଷା ଲାଗି ବାଇକ୍ ରାଲି ମାଧ୍ୟମରେ ସଚେତନତା

ବଣାଇଁ,୨୭/୦୨ (ଆ.ପ୍ର) : ଏବେ ଜାରି ରହିଛି ଗ୍ରୀଷ୍ମର ଲହରୀ । ଗଛ ମାଳେ ଏଇ ସମୟରେ ପତ୍ର ଝଡା ମଧ୍ୟ ହେଉଥାନ୍ତି । ଆଉ କିଛି ଦିନ ଗଲା ପରେ ଶୁଖିଲା ପତ୍ର ଓ ଡାଳ ନିଶି ଜଙ୍ଗଲ ନିଆଁ ପାଇଁ ବାଟ ଫିଟେଇବେ । ସେଥି ପାଇଁ ସୁନ୍ଦରଜିଲ୍ଲା ବଣାଇ ବନଖଣ୍ଡର ଡାମାଡା ରେଞ୍ଜର ଭାଲୁ ଝୁଲୁରି ସେକ୍ସନ ଅଂଚଳରେ ଜଙ୍ଗଲରୁ ନିଆଁ ବାଲାରୁ ରକ୍ଷା ଲାଗି ଏକ ସଚେତନତା ରାଲି ହୋଇ ଯାଇଛି । ବଣାଇ ଡିଏଫଓ ଲଳିତ ପାତ୍ରଙ୍କ ନିର୍ଦ୍ଦେଶରେ ଭାଲୁଝୁଲୁରି ସେକ୍ସନଅଂଚଳର ଭାଲୁଝୁଲୁରି, ବାଗାଡେଙ୍ଗନା,ସାତକୁଟା, ବଡ଼ଗାଁ, ରାଣୀ ଆମରତଡା, ଗୁଣ୍ଡୁରୀ ପୋଷ ପ୍ରଭୃତି ଗାଁ ମାନଙ୍କରେ ଏକ ସଚେତନା ବାଇକ ରାଲି ହୋଇ ଯାଇଛି । ଏଥିରେ ଗୁରୁଣିଆ ବିଡ଼ିଓ ହାବିଲ ଖାଲା, ମୁଖ୍ୟ ଅତିଥି ଯୋଗ ଦେଇ ଥିବା ବେଳେ ଭାଲୁ ଝୁଲୁରି ସରପଂଚ ବାଳ ମତି ଦାସ ଯୁବ ନେତା ଶାନ୍ତନୁ ଦାସ ପରେଷ୍ଟର ଶ୍ରୀରେଶ୍ରୀ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଦୁଖୀ କିସାନ, ଗୁଇଳିକିଲି ମହାଗଣୀ, ଫରେଷ୍ଟର ପୂଜା ରାଣୀ ପାତ୍ର ଏବଂ ସମସ୍ତ ବନ କର୍ମଚାରିଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିବା ବେଳେ ଗୁରୁଣିଆ ବିଡ଼ିଓ କହିଛନ୍ତି ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ବର୍ତମାନ ମହୁଲ ଲାଗି ନିଆଁ ଲଗାଇ ଦେଇଛନ୍ତି ଯାହା ଫଳରେ ଜଙ୍ଗଲରେ ନିଆଁ ଲାଗି ଯାଇଛି ଏହା ଦ୍ୱାରା ନିଶ୍ଚିତ ଭାବରେ କିଛି ମାତ୍ରା ରେ ରୋକାଯାଇ ପାରିବ ବୋଲି କହିଥିଲେ ।

ଟିକାବାଲି କଲେଜରେ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଟିକାବାଲି, ୨୭/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ, ଭୁବନେଶ୍ୱର, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ଏକଦିବସୀୟ ଓଡ଼ିଆ ଭାଷା ସାହିତ୍ୟ ସଂମ୍ମାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ବନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରର ଶୀର୍ଷକ ଥିଲା 'କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା' । ଏହି କାର୍ଯ୍ୟକ୍ରମରେ ଉତ୍ତାଳକ ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ କନ୍ଧମାଳର ଲୋକ ସଂସ୍କୃତି ହିଁ କନ୍ଧମାଳକୁ ବିଶ୍ୱଦରବାରରେ ପରିଚୟ ଦେଇଛି ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ପ୍ରାଚ୍ଚନ ପ୍ରାଧ୍ୟାପକ ଡ଼ଃ. ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ଦୀପକ କୁମାର ମହାନ୍ତି, ଖ୍ରୀଷ୍ଟରତ୍ନପତି ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ଼ଃ. ଅଶୋକ କୁମାର ପଣ୍ଡା ଯୋଗଦେଇଥିଲେ । ଶିଷ୍ଟ ପ୍ରବନ୍ଧ ଉପସ୍ଥାପକ ଭାବେ ଦୀନକୃଷ୍ଣ ମହାପାତ୍ର ବିଷୟ ବସ୍ତୁର ଉପସ୍ଥାପନ କରିଥିବା ବେଳେ କୁନ୍ଦୁପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ଶ୍ରୀମାନ୍ କାଳୁ ଚରଣ ପାତ୍ର ଏବଂ ଏଏମ୍‌ସିଏସ୍ ମହାବିଦ୍ୟାଳୟର ସ୍ନାତକ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁଲୋଚନା ଭୋଇ ପ୍ରବନ୍ଧ ପାଠ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପରିଶୁଦ୍ଧ ଓଡ଼ିଆ ଭାଷା ଲିଖନ, ପ୍ରବନ୍ଧ ଓ ତର୍କ ଡିବେଟି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କୃତି ପ୍ରତିଯୋଗୀଙ୍କୁ ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୫୦୦, ଦ୍ୱିତୀୟ ସ୍ଥାନ ଅଧିକାରୀଙ୍କୁ ୧୨୦୦ ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୧୦୦୦ ଆର୍ଥିକ ରାଶି ପୁରସ୍କାର ରୂପେ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ବନମାଳୀ ବେହେରା ଅତିଥିଙ୍କୁ ମଂଚକୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରିଲୁ ପ୍ରଧାନ, ଭାଷାକିଶୋର ସାହୁ, ଅଜୟ ଗଣ୍ଡ ମଂଚ ପରିଚାଳନା କରିଥିଲେ । ପରିଶେଷରେ ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

ଲାଇବାନପଦର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାପଡ଼ାହାଣ୍ଡି, ୨୭/୦୨ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ ଲାଇବାନପଦର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶ୍ରେମା ଗରଡା ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଗୁଣାକ୍ତ କୁମାର ବେହେରା, ପଣ୍ଡିତକାଟ ସରପଂଚ ବାବୁଲା ଭତରା, ଜିଲ୍ଲା ମଂଜକ ଅଧିକାରୀ ରବୀନ୍ଦ୍ର ପାନଜା, ଅତିରିକ୍ତ ଜିଲ୍ଲା ମଂଜକ ଅଧିକାରୀ ନିଦେବତା ବିଶ୍ୱାଳ ଅତିରିକ୍ତ ମଂଜକ ଅଧିକାରୀ ଭାରତ ଚନ୍ଦ୍ର ସାହୁ, ବ୍ଲକ ମଂଜକ ସମ୍ପ୍ରସାରଣ ଅଧିକାରୀ ବେଦବ୍ରତ ପରିଡ଼ା, ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ମଂଚାସିନ ହୋଇଥିଲେ । ପ୍ରଧାନଶିକ୍ଷକ ଶ୍ରେମା ଗରଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ଛାତ୍ର ପାଠ ପଢ଼ିବା ସହ ଖେଳକୁଦରେ ନିଜ ବିଦ୍ୟାଳୟ ସହ ଜିଲ୍ଲାର ନାମ ରଖିବାକୁ କହିଥିଲେ । ଏହା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣି ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ଗୌଡ଼, ରଶ୍ମିତା ପୃଷ୍ଟି, ଜଗନ୍ନାଥ ଭତରା, ମେଟ୍ରୋନ ବଦିତା ପତି ପ୍ରମୁଖ ସହଯୋଗ କରିଥିଲେ ।

ଦକ୍ଷିଣ କେନାଲ ବିଭାଜନ-୧, ମୁଖିଗୁଡ଼ାରେ ଅନିୟମିତତା ଅଭିଯୋଗ

କଳାହାଣ୍ଡି ଜୟପାଟଣା, ୨୭/୦୨ (ଆ.ପ୍ର) : ଅଧିକାରୀ ଯତ୍ନୀ ରାଜ କୁମାର ବେହେରାଙ୍କ ବିରୋଧରେ ଠିକାଦାରମାନଙ୍କ ଗୁରୁତର ଆପତି, ଲିଜିନାନ୍ଦ୍ର ତଦନ୍ତ ଦାବି ଜୋରଦାର ମୁଖିଗୁଡ଼ା: ଦକ୍ଷିଣ କେନାଲ ବିଭାଜନ-୧, ମୁଖିଗୁଡ଼ାରେ ପୂର୍ବରୁ କାର୍ଯ୍ୟରତ ଥିବା ଅଧିକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରାଙ୍କ ବିରୋଧରେ ପୁରବର୍ଗର ଦୁର୍ନୀତି ଓ ପକ୍ଷପାତିତ୍ୱର ଗୁରୁତର ଅଭିଯୋଗ ଉଠିଛି । ସ୍ଥାନୀୟ ଠିକାଦାରମାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ କାର୍ଯ୍ୟକାଳ ସମୟରେ ବିଭାଗର ବିଭିନ୍ନ କାମରେ ପାରଦର୍ଶିତା ରହିନଥିବା ଏବଂ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଠିକାଦାରଙ୍କୁ ପ୍ରାଥମ୍ୟ ଦେଇ ଅର୍ଥ ମୁକ୍ତ କରାଯାଇଥିବା ଅଭିଯୋଗ ଆସିଛି । ଠିକାଦାରମାନଙ୍କ କହିବା ଅନୁସାରେ, ବହୁ କାମ ସମ୍ପାଦିତ ହୋଇଥିଲେ ମଧ୍ୟ ଫଣ୍ଡ ଆସିବା ପରେ କେବଳ କିଛି ନିଜସ୍ୱ ଠିକାଦାରଙ୍କ ନାମରେ ଅର୍ଥ ମୁକ୍ତ କରାଯାଇଥିଲା । ଏହା ସହିତ ଛୋଟ ଓ ମଝିଯାଦାର ଠିକାଦାରମାନେ ଦୀର୍ଘ ସମୟ ଧରି ଅର୍ଥ ପାଇଁ ଅପେକ୍ଷା କରିଥିବାରୁ ଅ।ର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି । କେତେକ ଅଭିଯୋଗରେ ଏହା ମଧ୍ୟ ଉଠିଛି ଯେ, ଅଧିକ ରାଶି ଗ୍ରହଣ କରି ବ୍ୟକ୍ତିଗତ ପସନ୍ଦର ଠିକାଦାରଙ୍କୁ ଲାଭ ପଂଚାଇଥିଲା । ସ୍ଥାନୀୟ ମହଜନ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ସେ ଜଳ ସମ୍ପଦ ବିଭାଗରେ କାର୍ଯ୍ୟରତ ରହି ଏକ ପ୍ରକାର "ଦୁର୍ନୀତିର ଗଠନାତ୍ମକ ପ୍ରଣାଳୀ" ସୃଷ୍ଟି କରିଥିବା ଦାବି ହେଉଛି । ବିଭିନ୍ନ କାମରେ ଅନିୟମିତତା ଓ ପକ୍ଷପାତିତ୍ୱ ହୋଇଥିବା ନେଇ ସ୍ଥାନୀୟ ଠିକାଦାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମୟରେ ରାଜ୍ୟରେ ଭିଜିଲାନ୍ସ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ପରିପ୍ରେକ୍ଷିତରେ ଅନେକ ଅଧିକାରୀଙ୍କ ବିରୋଧରେ ତଦନ୍ତ ହୋଇଥିବା ସତ୍ତ୍ୱେ, ରାଜ କୁମାର ବେହେରାଙ୍କ ବିରୋଧରେ କାର୍ଯ୍ୟାଁ ପଦକ୍ଷେପ ହୋଇନାହିଁ ବୋଲି ପ୍ରଶ୍ନ ଉଠୁଛି । କେତେକ ମହଜରେ ଏହା ନେଇ ମଧ୍ୟ ଚର୍ଚ୍ଚା ହେଉଛି ଯେ, ତାଙ୍କ ବିରୋଧରେ ଅଭିଯୋଗ ଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ । ବର୍ତମାନ ସେ କାନ୍ଦୁପୁର ଆର୍ ଏଣ୍ଡ ସିବି ଡିଭିଜନ, ବାଣ୍ଡୁବେଡପୁରକୁ ବଦଳି ହୋଇଥିବା ସୂଚନା ମିଳିଛି । ଏହା ପରିପ୍ରେକ୍ଷିତରେ ସ୍ଥାନୀୟ ମହଜ ମଧ୍ୟ ନୂତନ କାର୍ଯ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଲକ୍ଷ୍ମୀ ବିକାଶ ଉଚ୍ଚ ମହାବିଦ୍ୟାଳୟରେ ଭି ଫେଷ୍ଟ ୪.୦ ଉଦ୍‌ଘାଟିତ

କଳାହାଣ୍ଡି, ୨୭/୦୨ (ଆ.ପ୍ର) : ଲକ୍ଷ୍ମୀ ବିକାଶ ଉଚ୍ଚ ମହାବିଦ୍ୟାଳୟ, ଭବାନୀପାଟଣାର ଆୟୋଜନରେ ବହୁପ୍ରତୀକ୍ଷିତ ବିଶାଳ ଟେଲ୍ ଫେଷ୍ଟ ଭି ଫେଷ୍ଟ ୪.୦, ୨୬ ଫେବୃୟାରୀ ୨୦୨୬ ତାରିଖରେ ଭବ୍ୟ ଭାବେ ଉଦ୍ଯାପିତ ହୋଇଛି । ଉଦ୍ଘାଟନୀ ଅବସରରେ ଅନୁଷ୍ଠାନର ଚେୟାରମ୍ୟାନ୍ ଡି. ନାରେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାନର ଡ.ସମ୍ପତ୍ତ କୁମାର ନାୟକ, ଡିନ୍, ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ଉପସ୍ଥିତ ରହି ତାଙ୍କ ମୁଖ୍ୟ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ବହୁମୁଖୀ ପ୍ରତିଭା ବିକାଶ ଓ ନବୋନ୍ମେଷମୂଳକ ଚିନ୍ତାଧାରା ଅପନାଇବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏଲଜିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ,ଡି. ରାମ କୁମାର,

ଏକାଡେମିକ୍ ଇନ୍ଚାର୍ଜ୍ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ ସହ ସମସ୍ତ ଅଧ୍ୟକ୍ଷ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଜବାବୋଧ କରିଥିଲେ । ୨୬ ରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିବା ଏହି ଉତ୍ସବରେ ପୋଷ୍ଟର ପ୍ରଦର୍ଶନୀ (ଭାଏସ୍ ଫର୍ ଚେଞ୍ଜ), ପାଣ୍ଟାରସଏଂଟ ପ୍ରଦର୍ଶନୀ (ସ୍ୱାଇଡ୍ ଟୁ ସର୍ଭେଥ୍), ଷ୍ଟାର୍ଟଅପ୍ ପ୍ରଦର୍ଶନୀ, ମଡେଲ୍ ପ୍ରଦର୍ଶନୀ ସହ ବିଭିନ୍ନ ଖେଳକୁଦ ଓ ଟେକ୍ ପ୍ରତିଯୋଗିତା ଆୟୋଜିତ ହେଉଛି । ହ୍ୟାକାଥନ୍ ପ୍ରତିଯୋଗିତାରେ ସଫଳତା ଅର୍ଜନ କରି ରୋଡିନ କୁମାର ସାହୁ, ପ୍ରିନ୍ସ ଭଟ୍ଟା, ବିଶ୍ୱମୋହନ ସିଂହ ,ପ୍ରିୟାଂଶୁ ଶେଖର ଚିଟିକା, ଆକାଶ ଖରସେଲ ଏବଂ ନିଗମାନନ୍ଦ ନାୟକ ଏହି ସମସ୍ତଙ୍କୁ ବ୍ରେନ୍ ଓ ଲିଜନ୍ କମାନ୍ଦୀ ପକ୍ଷରୁ ଲଂଚନ୍ଦିଷ୍ଟ ଅଫର୍ ଲେଟର୍ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । କ୍ରୀଡା କ୍ଷେତ୍ରରେ ଆଲୋକ କୁମାର ରାୟ ଇଂଟର କଲେଜ୍ ଡିଷ୍କସ୍ ଥ୍ରୋରେ ପ୍ରଥମ ଓ ଶଟ୍‌ପୁଟ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଆୟୁଷ ମିଶ୍ର ଇଂଟର ୟୁନିଭର୍ସିଟି କ୍ରିକେଟ୍ ପାଇଁ ଚୟନିତ ହୋଇଥିବାବେଳେ ମୁସ୍କାନ ଛତ୍ରିଆ ମହିଳା ଖୋ-ଖୋ ଓ ରାଜବୀର ସିଂହ ପୁରୁଷ ଖୋ-ଖୋ ଦଳରେ ଚୟନିତ ହୋଇଥିଲେ । ଆୟୁଷ ଛତ୍ରୀ ରାଜ୍ୟସ୍ତରୀୟ ଇଂଟର ୟୁନିଭର୍ସିଟି ସାହିତ୍ୟ-ସାଂସ୍କୃତିକ ସମ୍ମିଳନୀରେ ଇଂରାଜୀ କାହାଣୀ ଲେଖନ ପାଇଁ ଚୟନିତ ହୋଇଥିଲେ । ସେହିପରି ଜୟିତା ଜାନା, ସୋନାଲ ଅଗ୍ରୱାଲ ଓ ସିଦ୍ଧାର୍ଥ ରଞ୍ଜନ ଦାସ ବିଜୟବାଡାରେ ଆୟୋଜିତ ଜାତୀୟ ସ୍ତରୀୟ ହ୍ୟାକାଥନ୍ ମାଇଣ୍ଡ ସିଟିଟ୍ ୨୦୨୫ ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସମ୍ମାନିତ ହୋଇଥିଲେ । ତିନି ଦିନ ଧରି ଉତ୍ସବରେ ବିଭିନ୍ନ କ୍ରୀଡା, ଅନଲାଇନ୍ ଗେମିଂ ପ୍ରତିଯୋଗିତା ଓ ଖାଦ୍ୟ ଉତ୍ସବ ଆୟୋଜିତ ହେବ । ସାଂସ୍କୃତିକ ସନ୍ଧ୍ୟାରେ ରାଜପୁରର ପୂର୍ବତ ପଦ୍ମ ବ୍ୟାଣ୍ଡ ଓ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଅଳିତ ରାଜ ତାଙ୍କ ବଳ ସହ ମନୋରଞ୍ଜକ ପ୍ରଦର୍ଶନ କରିବେ । ଅନୁଷ୍ଠାନର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ସମୂହିକ ପ୍ରୟାସରେ ଭି ଫେଷ୍ଟ ୪.୦ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି ।

ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ସମ୍ବାଦ ବଜେଟ-୨୦୨୬ ଅନୁଷ୍ଠିତ

ବଣାଙ୍ଗି,୨୭/୦୨ (ଆ.ପ୍ର) : ବଣାଙ୍ଗି ସ୍ଥିତ ପୂର୍ବ ବିଭାଗ ଡାକ ବଙ୍ଗଳା ଠାରେ 'ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ - ୨୦୨୬' ଅନୁଷ୍ଠିତ ହୋଇ ଯାଇଛି । ବୈଠକ ରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଣିନ ପୂହାଣ ଯୋଗ ଦେଇ ସମୃଦ୍ଧ କୃଷି ପାଇଁ ଡବଲ ଇଞ୍ଜିନ ସରକାରଙ୍କ ବଜେଟ-୨୦୨୬ ରେ କୃଷି ଓ କୃଷକ ଉନ୍ନତି କରଣ ପାଇଁ ଥିବା ଅର୍ଥ ବ୍ୟୟ ବରାଦ ର ତଥ୍ୟ ଉପସ୍ଥାପନ କରିଥିଲେ । ବଜେଟ ରେ ୪୨,୪୯୨ କୋଟି ଟଙ୍କା କୃଷି କ୍ଷେତ୍ର ପାଇଁ ବ୍ୟୟ ବରାଦ ହୋଇ ଥିବା ଶ୍ରୀ ପୂହାଣ ସୂଚନା ଦେବା ସହ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ର ବ୍ୟୟ ବରାଦ, ସିଏନ କିସାନ ପାଇଁ ୨ ହଜାର ୩୦ କୋଟି, ଫସଲ ବିବିଧ କରଣ ଓ ସ୍ୱଦେଶୀ ଉତ୍ପାଦନ ପାଇଁ ୪୭୦ କୋଟି ବ୍ୟୟ ବରାଦ, ଆଖୁ ଚାଷ ପାଇଁ ୨୭ କୋଟି, କୃଷିଉପକରଣ ପାଇଁ ୪୦୦ କୋଟି , କୃଷି ଉତ୍ପାଦନ କ୍ଲେଷ୍ଟର ପାଇଁ ୩୮ କୋଟି, ଉଦ୍ୟାନ କୃଷି ପାଇଁ ୫୪୪ କୋଟି, କେନ୍ଦ୍ରୀୟ କୃଷି ଯୋଜନା ଅଧୀନ ରେ ୧୬୦ କୋଟି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପାଇଁ ୨ହଜାର ୧୯ କୋଟି ର ବ୍ୟୟ ବରାଦ, ମୁଖ୍ୟ ମନ୍ତ୍ରୀ ଜାମଉଦେଲୁ ଯୋଜନା ୧୫୯ କୋଟି, ପ୍ରାଣୀ ସମୃଦ୍ଧି ପାଇଁ ୧୫୦ କୋଟି,ନୂତନ କୃଷି ମହା ବିଦ୍ୟାଳୟ, ମତ୍ସ ମହା ବିଦ୍ୟାଳୟ, ଶୀତଳ ଭଣ୍ଡାର, ଗୋଶାଳା ପ୍ରତିଷ୍ଠା ଓ ସମବାୟ ପାଇଁ ୧୨୩୪ କୋଟି ବ୍ୟୟ ବରାଦ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ବ୍ୟୟ ବରାଦ କରାଯାଇଥିବା ବିଷୟ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ରେ କୃଷକ ମୋର୍ଚ୍ଚା ସଭାପତି ରେଙ୍ଗଟୁ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ବରିଷ୍ଠ କୃଷକ ନେତା ଅନିଲ କୁମାର ମାହାନ୍ତ, ବରିଷ୍ଠ ବିଜେପି ନେତା ଗୋବିନ୍ଦ ଚନ୍ଦ୍ର ସାହୁ, ବଣାଙ୍ଗି ବିଜେପି ମଣ୍ଡଳ ସଭାପତି ମିଥୁନ ପାତ୍ର, ଯାଜପୁର ନଗର ମଣ୍ଡଳ ସଭାପତି ପ୍ରତୀପ କୁମାର ଦାସ, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଲିଲ ରଞ୍ଜନ ଦାସ, ବିଜେପି କାର୍ଯ୍ୟକର୍ତା, ଆହ୍ଲାଦ ବଳ୍ଦେଇ, ମୁକୁନ୍ଦ ନାୟକ, ଭୁବନେଶ୍ୱର ବେହେରା, ବୈକୁଣ୍ଠ ଚଡ଼ତିଆ, ଶଙ୍କର୍ଷଣ ସେନାପତି, କୃଷକ ମୋର୍ଚ୍ଚାର କର୍ମୀ ତଥା ବାଞ୍ଛା ପ୍ରହ୍ଲାଦ ପ୍ରଧାନ, ଫକୀର ମୋହନ ଅତି, ସରୋଜ କୁମାର ସାହୁ, କୁଳମଣି ସାହୁ ପ୍ରମୁଖ ଓ ଚାଷୀ ମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା କରିଥିଲେ ।

ଚିନ୍ତାମଣି ସ୍ମାରକୀ ଆଂଚଳିକ ପରିଷଦର ସାଂସ୍କୃତିକ ମହୋତ୍ସବ ଉଦଘାଟିତ

ଧାମନଗର, ୨୭/୦୨ (ଆ.ପ୍ର) : ଯୁଗ ଯୁଗରୁ ଗ୍ରାମାଂଚଳର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ବଂଚାଇ ରଖିବାରେ ଛୋଟ ଛୋଟ ଅନୁଷ୍ଠାନ ଗୁଡିକର ଭୂମିକା ଅତୁଳନୀୟ । ସରକାରଙ୍କର ବିଭା ଆର୍ଥିକ ସହଯୋଗରେ ଅଲୁଣ୍ଡିତ ନିଜସ୍ୱ ଅନୁଦାନରୁ ପାଲା, ଦାସକାଠିଆ, ଘୋଡାନାଚ, ଛଉ ନୃତ୍ୟ ଭଳି ବିଭିନ୍ନ ଲୋକ କଳା ପରିବେଷଣ କରାଇ ଉତ୍କଳୀୟ ସଂସ୍କୃତିର ପ୍ରଚାର ପ୍ରସାର ସହିତ ରୀତି ଯୁଗୀୟ ଭଳି ଗଳ୍ପ ସାହିତ୍ୟକୁ ବଂଚାଇ ରଖିଛନ୍ତି । ସେଥିପାଇଁ ଓଡିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି । ଧାମନଗର ବ୍ଲକ ଅନ୍ତର୍ଗତ ଖଡିମାଗଡା ଠାରେ ବିଶିଷ୍ଟ ଶିଳାବିତ୍ ବିରେନ୍ଦ୍ର ଆରଣଙ୍କ ସଭାପତିତ୍ୱରେ ତଥା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁସାହିତ୍ୟିକ ସତ୍ୟସୁନ୍ଦର ପରିଡାଙ୍କ ମଂଚ ପରିଚାଳନାରେ ମୁଖ୍ୟଅତିଥି ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ସହିତ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ସ୍ଥିର କରାଯାଇଛି । ଏହି ୯ମ ବାର୍ଷିକ ମହୋତ୍ସବର ଉଦଘାଟନୀ ଉତ୍ସବରେ ଗାୟକ ଭମାକାନ୍ତ ଛୋଟା ଓ ଗାୟିକା ମମତା ଫୁଟିଆ ପାଲା ପରିବେଷଣ କରିଥିବା ବେଳେ ସରକାରଙ୍କ ତରଫରୁ କେନ୍ଦ୍ରାପଡ଼ାର ଭଜନ ଗ୍ରୁପ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପ୍ରଭାତ ଆରଣ ଓ ଶିଶିର ଆରଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଭଗୁସେନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ଆସନ୍ତା ମାର୍ଚ୍ଚ ୧ରେ

ଭଦ୍ରକ, ୨୭/୦୨ (ଆ.ପ୍ର) : ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆସନ୍ତା ମାର୍ଚ୍ଚ ୧ ତାରିଖ ରବିବାର ଦିନ ଭଦ୍ରକ ବ୍ଲକ ର ଅର୍ଣ୍ଣପାନ୍ତୁଡି ରାଧାକାନ୍ତ ବେହେରା କଲେଜ ପରିସରରେ ମାୟାନିଡ୍ରା ଫାଉଣ୍ଡେସନ ଓ ଆଇଏମ୍‌ଏସ୍ ତଥା ସମ୍(୨)ର ମିଳିତ ଉଦ୍ୟମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି । ଉକ୍ତ ଶିବିରରେ ବିନା ମୂଲ୍ୟରେ ଔଷଧି, ରକ୍ତ ପରୀକ୍ଷା, କ୍ଷୟରୋଗ ଓ ଗୁରୁତର ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା କରାଯାଇଛି । ମେଡିସିନ ବିଭାଗ, ଶଲ୍ୟ ବିଭାଗ, ଚକ୍ଷୁ ବିଭାଗ, ଦାନ୍ତ ରୋଗ, ଶିଶୁ ରୋଗ, କର୍ଣ୍ଣ, ନାସା, ଗଳା, ଶ୍ୱାସ ରୋଗ, ହୃଦ୍ ରୋଗ, ପେଟର ଗାଧ ସମସ୍ୟା, ଚାଉ ରୋଗ ଇତ୍ୟାଦି ବିଶେଷଜ୍ଞମାନେ ଯୋଗଦାନ କରିବେ ବୋଲି ଫାଉଣ୍ଡେସନର ନିବେଦକ ଡ. ଶ୍ରୀକାନ୍ତ ବାରିକ ସୂଚନା ପ୍ରଦାନ କରିଛନ୍ତି ତଥା ଉକ୍ତ ସେବାର ସୁଯୋଗ ନେବା ପାଇଁ ବହୁ ସଂଖ୍ୟାରେ ଲୋକ ଯୋଗଦାନ କରିବାକୁ ଅନୁରୋଧ କରିଛନ୍ତି ।

ନବନିର୍ମିତ ମା ମହାଲକ୍ଷ୍ମୀଙ୍କ ମନ୍ଦିର ଓ ଲକ୍ଷ୍ମୀଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୨୭/୦୨ (ଆ.ପ୍ର) : ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଂଚାୟତର ଚନନପୁର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବେଦୀ ଠାରେ ନବନିର୍ମିତ ମା ମହାଲକ୍ଷ୍ମୀଙ୍କ ମନ୍ଦିରରେ ଲକ୍ଷ୍ମୀଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ ଲକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି । ତିନି ଦିନିଆ ଏହି ମହୋତ୍ସବରେ ସହ ସହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ଗ୍ରାମ ପଂଚାୟତର ଚନନପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବେଦୀ ଠାରେ ନବନିର୍ମିତ ମା ମହାଲକ୍ଷ୍ମୀଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଛି ।ତିନି ଦିନ ଧରି ଚାଲିଥିବା ଏହି ଧାର୍ମିକ ଅନୁଷ୍ଠାନର ପ୍ରଥମ ଦିନରେ ବିଶାଳ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଶତାଧିକ ମହିଳା ମାନେ ମୁଣ୍ଡରେ କଳସ ବୋହି ଭକ୍ତି ସଙ୍ଗୀତରେ ମଗ୍ନ ହୋଇ ଯାତ୍ରାରେ ସାମିଲ ହୋଇଥିଲେ ।ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ମନ୍ଦିର ସ୍ନାନ, ବେଦମନ୍ତ୍ର ଉଚ୍ଚାରଣ, ହୋମ-ଯଜ୍ଞ ଓ ପୂର୍ଣ୍ଣାହୁତି ସହ ବିଭିନ୍ନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମା ଲକ୍ଷ୍ମୀଦେବୀଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଶହ ଶହ ଭକ୍ତମାନେ ଯୋଗଦେଇ ମାଙ୍କର ଦର୍ଶନ କରିଥିଲେ ଓ ପ୍ରସାଦ ସେବନ କରିଥିଲେ । ଉତ୍ସବକୁ ସୁତାରୁ ଭାବେ ସମ୍ପନ୍ନ କରିବା ପାଇଁ ,ମା ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କମିଟି ସଦସ୍ୟମାନଙ୍କ ସହ ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗ ରହିଥିଲା । ଭକ୍ତି ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ଦୃଶ୍ୟ ସୃଷ୍ଟି କରିଥିବା ଏହି ପ୍ରାଣ ପ୍ରତିଷ୍ଠା ମହୋତ୍ସବ ସମଗ୍ର ଅଂଚଳକୁ ଉତ୍ସବମୟ କରିଦେଇଛି ।

ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରବୋଧନ ଶିକ୍ଷା ତାଲିମ କେନ୍ଦ୍ର ପରିଦର୍ଶନ

ଚିଲିକା/ବାଣପୁର, ୨୭/୦୨ (ଆ.ପ୍ର) : ଓଡ଼ିଶା ସରକାର ଉପେକ୍ଷା ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବାଣପୁରଙ୍କର ଆୟୋଜିତ ପାଂଚ ଦିନିଆ ପାଂଚ ଗୋଟି ପର୍ଯ୍ୟାୟରେ ୪୭୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଗତ ତା.୨୮.୦୧.୨୦୨୬ ଠାରୁ ତା ୨୭.୦୨.୨୦୨୬ ରିଖ ପର୍ଯ୍ୟନ୍ତ ୪ଜଣ ସମ୍ବଳ ଅଧିକାରୀଙ୍କ ମାଧ୍ୟମରେ ପ୍ରଶିକ୍ଷଣ ସମାପନ ହୋଇଛି । ଅନ୍ତିମ ଦିନରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସୋନମିନୀ ରାୟ ତାଲିମ କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରକୁ ଉଦଯାପନ କରି ଶିକ୍ଷକ ମାନଙ୍କୁ ପ୍ରମାଣ ପତ୍ର ବଂଟନ କରିଛନ୍ତି । ସମ୍ବଳ ଅଧିକାରୀ ଭାବରେ ସୂର୍ଯ୍ୟକାନ୍ତ ବେହେରା,

ନରେଶ କୁମାର ପଣ୍ଡା, ତାପସ କୁମାର ମହାରଣା ଓ ମନୋରଞ୍ଜନ ଖୁଣ୍ଟିଆ ଯୋଗ ଦେଇ ଗୋବାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମାନସିଂହ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପରୀକ୍ଷଣ ଯୋଗାଇ ପ୍ରଶଂସାର ଅଧିକାରୀ ହୋଇପାରିଛନ୍ତି । ସମସ୍ତ ସିଆରସିସି ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହଯୋଗ ନିମନ୍ତେ ପ୍ରଭାତ କୁମାର ସେଠୀ ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ସେମାନଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସନାତନ ଜାଲୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଭାତ କୁମାର ସେଠୀ, ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ଜିଲ୍ଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ସମୟ ଅନୁକ୍ରମରେ ଶାନ୍ତି ଶୃଙ୍ଖଳାର ସହିତ କେନ୍ଦ୍ରକୁ ଉଦଯାପନ କରିଥିଲେ ।

ଉପଖଣ୍ଡ ସ୍ତରୀୟ ଠିକାଦାର ମାନଙ୍କୁ ନେଇ ଗଠନ ହେଲା ସଂଘ

ହାଟଡିହି, ୨୭/୦୨ (ଆ.ପ୍ର) : ହାଟଡିହି ଏହି ବ୍ଲକ ଅନ୍ତର୍ଗତ ମା ରାମଚଣ୍ଡି ପୀଠ ରେ ଶୁକ୍ରବାର ଦିନ ହାଟଡିହି, ଆନନ୍ଦପୁର, ଘଣ୍ଟିପୁରା, ହରିଚନ୍ଦନପୁର ତାରାଗୋଟି ବ୍ଲକ ର ଷ୍ଟେସିଆନ, ସୁପର, ଏ କ୍ଲାସ, ବି କ୍ଲାସ, ସି କ୍ଲାସ ଠିକାଦାର ମାନଙ୍କୁ ନେଇ ଗଠିତ ହେଲା ନୂତନ ସଂଘ । ଠିକାଦାର ସଂଘ ର ସଭାପତି ଗଦାଧର ନାୟକଙ୍କ ଆବାହକତ୍ୱରେ ଏହି ସଭା ଆୟୋଜନ ହୋଇଥିଲା । ଏଥିରେ ସ୍ଥିର ହେଲା ଯେ କୌଣସି ଠିକାଦାର ମାନେ ଲେସ ଟେଣ୍ଡର ଭରିବେ ନାହିଁ , ସିଡୁଲ ଅଫ ରେଟ୍ ରେ ଟେଣ୍ଡର ଭରିବେ, ଯଦି କେହି ତାକୁ ଭଲଇଂନ କରି ଟେଣ୍ଡର ଭରିବେ ସଂଘ ତାକୁ ବିରୋଧ ପ୍ରଦର୍ଶନ କରିବ । ଏହା ଛଡ଼ା ଠିକାଦାର ମାନେ କରୁଥିବାରୁ କାମରେ ସରକାର କେତେ କମ୍ ଟଙ୍କା ଦେଇ କାମ କରିବାକୁ ଚେଷ୍ଟା ଚଳାଇଥିବାରୁ ଏଭଳି ହେଲେ ଠିକାଦାର ମାନଙ୍କର ହେଉଥିବା କ୍ଷତି ଭରଣା ହୋଇ ପାରିବ । ତାହା ଛଡ଼ା ଏହି ସଂଘ ମାଧ୍ୟମ ରେ ନୂଆ କୂଆ ଠିକାଦାର ମାନେ ହଇରାଣ ହେବାର ଆଶଙ୍କା ଆସିବ ନାହିଁ ବୋଲି ସଭାପତି କହିଥିଲେ । ଏହି ସଭାକୁ ଠିକାଦାର ମାନଙ୍କ ମଧ୍ୟରୁ ନିକୁଞ୍ଜ ବିହାରୀ ଓଝା, ଦେବ ବନ୍ଧୁ ବେଚ ଦାସ ପାତ୍ର , ସୁଧାକର ଓଝା, ଧନଞ୍ଜୟପୁର ପଟ୍ଟନାୟକ, ଗଗନ ବିହାରୀ ଭୂଇଁ, ସୁରେନ୍ଦ୍ର ଜେନା, ପରମେଶ୍ୱର ମଲ୍ଲିକ, ଅରୁପ ଧଳ, ଟୁଲୁ ସାହୁ, ଦେବେନ୍ଦ୍ର କୁମାର ଜେନା, ଦେବ ଜେନା, ଅସିତ୍ ଜେନା, ପ୍ରମୁଖ ନୂଆ ନୂଆ ଠିକାଦାର ମାନେ ପରିଚାଳନା କରିଥିଲେ ।

ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ଉର୍ଜା ନିଯୁକ୍ତି ସଂଯୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ କର୍ମଶାଳା ଆୟୋଜିତ

ପାରଳାଖେମୁଣ୍ଡି , ୨୭/୦୨ (ଆ.ପ୍ର) : ବାନକୃଷ୍ଣ ପାଣିଗ୍ରାହୀ : ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର କ୍ୟାରିଅର କାଉନସେଲିଂ ସେଲ୍, Internal Quality Assurance Cell କ ସମନ୍ୱୟରେ ଏବଂ ଜଗତ ଗୁରୁ କୃପାଳୁ ଯୋଗ ଦୃଷ୍ଟି ଙ୍କ ସହଯୋଗରେ ଯୁକ୍ତି ଓ ପିଜି ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ "ଯୁବ ଉର୍ଜା ନିଯୁକ୍ତି ସଂଯୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ" ବିଷୟରେ ଏକ ସଚେତନତା ଓ ପ୍ରଶିକ୍ଷଣମୂଳକ ଅଧିବେଶନ ସଫଳତାର ସହିତ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ଛାତ୍ରଛାତ୍ରୀଙ୍କୁ ଆଜିର ପ୍ରତିଯୋଗୀତାମୂଳକ ଯୁଗରେ କୌଶଳ ବିକାଶର ଆବଶ୍ୟକତା , ନିଯୁକ୍ତିମୁଖୀ ପ୍ରଶିକ୍ଷଣର ଗୁରୁତ୍ୱ ଏବଂ ନିଜ ଯୋଗ୍ୟତା ଅନୁଯାୟୀ ଠିକ୍ କ୍ୟାରିଅର ଚୟନ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ବକ୍ତାମାନେ "ଯୁବ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଝରିଗାଁ ବ୍ଲକରେ ସ୍ୱଚ୍ଛଭାରତ ମିସନ ବିଫଳ

ଝରିଗାଁ, ୨୭/୦୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ସ୍ୱଚ୍ଛଭାରତ ମିସନ ମାଧ୍ୟମରେ ପ୍ରତି ପଂଚାୟତରେ ଆବର୍ଜନା ପୃଥକୀକରଣ ଗୃହ ନିର୍ମାଣ କରିବା ସହ ଆବର୍ଜନା ସଂଗ୍ରହ ପାଇଁ ଟ୍ରଲି ଯୋଗାଇ ଦିଆଯାଇଛି । ଏଥିପାଇଁ ସରକାରୀ ତହବିଲରୁ କୋଟିକୋଟି ଟଙ୍କା ବ୍ୟୟ ହୋଇଛି ସତ ହେଲେ ସେସବୁ ଅନୁଦାନ ପାଣିରେ ପତିତା ଲଢି ମନେ ହେଉଛି ଯେଉଁ ପଂଚାୟତରେ ଆବର୍ଜନା ପୃଥକୀକରଣ ଗୃହ ମାଟିରେ ମିଶିଲାଣି ତ ପୁଣି ଯେଉଁଠି ଆବର୍ଜନା ସଂଗ୍ରହ ଟ୍ରଲିଗୁଡିକ ବ୍ୟବହାର ପୂର୍ବରୁ ଭାଙ୍ଗିଗୁଡ଼ି ଗଲାଣି ଝରିଗାଁ ବ୍ଲକର ୨୩ଟି ପଂଚାୟତ ମଧ୍ୟରୁ ହାତ ଗଣତି ଜାଁ ଜାଁ କିଛି ପଂଚାୟତକୁ ଛାଡିଦେଲେ ଅନେକ ପଂଚାୟତରେ ଆବର୍ଜନା ସଂଗ୍ରହ କରାଯିବା ଆଜରେ କାଗଜପତ୍ରରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଛି । ଟ୍ରଲି ବଦଳରେ ବ୍ୟାଟେରୀ ଚାଳିତ ଆବର୍ଜନା ସଂଗ୍ରହ ଗାଡି କ୍ରୟ କରିବା ପାଇଁ ଅନୁଦାନ ଆସିଥିଲେ ମଧ୍ୟ ଏହା ବିନିଯୋଗ ହୋଇପାରୁନି ବିଭାଗୀୟ ଅଧିକାରୀଙ୍କଦ୍ୱାରାହିନ୍ଦ ତଥା ଅଯାଚଗତା ପାଇଁ ସଂଚାଳିତ ଗୁଡିକରେ ପ୍ରାୟ ୨ବର୍ଷ ହେଲା ଅନୁଦାନ ପଡ଼ିନାହିଁ । ବିଭିନ୍ନ ଯୋଜନାକୁ କରିବା ବିଗାରେ ଜିଲ୍ଲାରେ ଝରିଗାଁ ବ୍ଲକ ସବରେ ପଛିଛି ଏହାରି ମଧ୍ୟରେ ସ୍ୱଚ୍ଛ ଭାରତ ମିସନ ଭଳି ଯୋଜନା ବିଗାହରା ହେବା ବିଭାଗୀୟ ଅଧିକାରୀଙ୍କକାର୍ଯ୍ୟାଦକ୍ଷତା ପ୍ରତି ପ୍ରଶ୍ନ ଉଠାଇଛି ଖାଲି ସେତିକି ନୁହେଁ ଏହି ଯୋଜନା ମାଧ୍ୟମରେ ବିଭିନ୍ନ ସଂଚାଳନରେ ନିର୍ମିତ ପାଇଖାନାରେ ବୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି । ଏହି ଯୋଜନାର ଜଳନ୍ତରାୟ ତତ୍ତ୍ୱ କରାଗଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାମ୍ନାକୁ ଆସିପାରିବ ବୋଲି ସଂଚାଳନସ୍ତରର ଜେଡେକ ନିର୍ବାଚିତ ପ୍ରତିନିଧି ଦାବି କରିଛନ୍ତି ।

ଅଙ୍ଗକେ ବଡ଼ ଦୁର୍ଘଟଣାରୁ ବର୍ତିଲେ ୯ ଅଙ୍ଗନବାଡ଼ି ଛୁଆ

ଜି.ଉଦୟଗିରି, ୨୭/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଜଡିଙ୍ଗିଆ ପଂଚାୟତ ଅନ୍ତର୍ଗତ ଗିଗୁଗୁଡା ଗ୍ରାମ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଏକ ବିରାଟ କାୟ ଗଛ ପଡ଼ିଛି । ସୂଚନା ଅନୁସାରେ ସକାଳେ ଅଙ୍ଗନବାଡି ସ୍କୁଲ ଚାଲିଥିବା ସମୟରେ କେନ୍ଦ୍ର ପଛ ପଟେ ଥିବା ବିରାଟ କାୟ ଗଛର ଡାଳ ଭାଙ୍ଗି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ପଡ଼ିଥିଲା । କିନ୍ତୁ ସୌଭାଗ୍ୟ ବଶତଃ ଭିତରେ ଥିବା ଜୁନି ଜୁନି ପିଲା ମାନଙ୍କୁ ଅଙ୍ଗନବାଡ଼ି ଦିଦି ସଂଧ୍ୟା ପ୍ରଧାନ ବାହାରକୁ ନେବାରେ ସକ୍ଷମ ହୋଇଥିଲେ । ପିଲା ମାନଙ୍କର କୌଣସି ବଡ଼ କ୍ଷୟ କ୍ଷତି ହୋଇନଥିଲେ ମଧ୍ୟ କିଛି ଛୁଆଙ୍କୁ ସାମାନ୍ୟ ଆଘାତ ଲାଗିଛି । ଆହତଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଚିକିତ୍ସା କରାଯାଇଥିବା କହିଛନ୍ତି ସ୍ଥାନୀୟ ସିଡିପିଓ କଙ୍କନା ଶତପଥୀ । ଘଟଣା ସ୍ଥଳରେ ସ୍ଥାନୀୟ ଲାଭପ୍ରାପ୍ତ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର ପାଂଚି ଘଟଣା ବିଷୟରେ ବୁଝାସୁଝା କରିଛନ୍ତି । ଆଜି ଏକ ବହୁତ ବଡ଼ ଦୁର୍ଘଟଣା ରୁ ୯ ଜଣ ଛୁଟିଛୁଟି ଛୁଆ ବର୍ତିଯାଇଥିବା କହିଛନ୍ତି ଗ୍ରାମବାସୀ ଓ ନୂତନ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି । ଅଗ୍ରିମ ବାହିନୀ ଘଟଣା ସ୍ଥଳରେ ପହଁଚି କେନ୍ଦ୍ର ଉପରେ ପଡ଼ିଥିବା ଡାଳ ଜାଟି ସଫା କରିଥିଲେ ।

ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ ଠାରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭବାନୀପାଟଣା, ୨୭/୦୨ (ଆ.ପ୍ର) : ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ (ଜାତୀୟ ସେବା ଯୋଜନା) ବ୍ୟୁରୋ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟର ମେରା ଯୁବା ଭାରତ ଜନାହାଣ୍ଡି, ମିଳିତ ଆନୁକୂଲ୍ୟରେ ତା-୨୭-୦୨-୨୦୨୬ ରେ ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା ନୋଡାଲ ଅଧିକାରୀ ଡ. ତିତରଞ୍ଜନ ଖୁଂଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୧୧୪ ଜଣ ପ୍ରତିଯୋଗୀ (୧୮ ରୁ ୨୫ ବର୍ଷ ଯୁବକ ଯୁବତୀ) ଏହି କାର୍ଯ୍ୟକ୍ରମ ପାଇଁ ପ୍ରାଥମିକ ସ୍ତରରେ ମେରା ଯୁବା ଭାରତ ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ କରିଥିବା ବେଳେ ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜିଲ୍ଲାର ୯୧ ଜଣ ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାରେ ଭାଗନେବା ଲାଗି ଚୟନ କରାଯାଇଅଛି । ଏହି କାର୍ଯ୍ୟକ୍ରମକୁ ଲାଭପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ । ମୁଖ୍ୟ ବକ୍ତା ଗୁପେ କୁଳସଚିବ ତଙ୍କର ଗୁଣନିଧି ନାଏକ, ସମ୍ମାନିତ ଅତିଥିରୂପେ ଉପକୁଳ ସଚିବ ମୋହନ ଡ. ଉମାଦେବ ସାହୁ, ଜିଲ୍ଲା ଯୁବ ଅଧିକାରୀ, ମେରା ଯୁବା ଭାରତ, କଳାହାଣ୍ଡି, ପ୍ରବନ ମେହେର, ମିସ୍ ତସମିତ୍ ? ଭୌର (ଯୁଥ ଆଇକନ) ତାଙ୍କର ବିକଶିତ ଭାରତ ୨୦୪୭ ଉପରେ ଉପସ୍ଥାପନା କରିଥିଲେ । ଏହି ପ୍ରତିଯୋଗୀତାର ଶ୍ରେଷ୍ଠ ପାଂଚ କୃତି ପ୍ରତିଯୋଗୀ ମାନେ ସୁହାନି ନାଏକ, ସ୍ମୃତି ରଥ, ଆର୍ଯ୍ୟା ନାୟକ, ଜାନସୀ ମିଶ୍ର ଏବଂ ଜି ଝିକଲ ବିଗଲ ପ୍ରମୁଖ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅବସ୍ଥା ମାର୍ଚ୍ଚ ମାସରେ ଦିଧାନ ସଭା ପରିସରରେ ଦେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ । ଶେଷରେ ଜୟନ୍ତ କୁମାର ବଜପାଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଡ଼ିଆଳରେ ଗୋଦାମରେ ସଢୁଛି ଆଳୁ ବିହନ, ଚାଷୀଙ୍କୁ ମିଳୁନି ସୁବିଧା

ନୂଆପଡ଼ା,୨୭/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚଳିବର୍ତ୍ତମାନ ୬୫ ହେକ୍ଟର ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ପ୍ରୋଜେକ୍ଟରେ ସରକାରଙ୍କ ପକ୍ଷରୁ ୧୯୫୯ ବସ୍ତା ଆଳୁ ବିହନ ଯୋଗାଣ ହୋଇଥିବା ବେଳେ ଚାଷୀମାନେ ଆବଶ୍ୟକୀୟ ବିହନ ପାଇନଥିବା ଅଭିଯୋଗ ଉଠିଛି । ଅଭିଯୋଗ ଅନୁଯାୟୀ, ବୁଢତି ସରକାରୀ ଗୋଦାମରେ ୪ ଶହରୁ ଅଧିକ ବସ୍ତା ଆଳୁ ବିହନ ବଣ୍ଟନ ନହୋଇ ପଡ଼ିରହିଛି ଏବଂ କିଛି ବିହନ ସଢ଼ିଯାଇଥିବାରୁ ଗୋଦାମ ପାଶ୍ୱର୍ବର୍ତୀ ଅଂଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବିଭାଗୀୟ କର୍ମଚାରୀମାନେ ରାତିରେ ପଚା ବିହନକୁ ଗୋଦାମରୁ ବାହାର କରି ବୁଡେ ଫିଙ୍ଗି ଦେଇଥିବା କଥା ମଧ୍ୟ ଆଜିକୁ ଆସିଛି । ଏନେଇ ଖଡ଼ିଆଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଯୋଗାଣ ହୋଇଥିବା ଆଳୁ ବିହନ ପଚିନାହିଁ । କିଛି ବସ୍ତାରେ ବିହନକୁ ବାଗ ଲାଗେଇଥିବାରୁ ସେଗୁଡିକୁ ଗୋଦାମରେ ରଖାଯାଇଥିଲା । ବିଭାଗ ପକ୍ଷରୁ ଜଣାଯାଇଛି ଯେ, ପ୍ରତି ବସ୍ତା ଆଳୁ ବିହନର ଦର ୧୦୦୦ ଟଙ୍କା । ଗୋଟିଏ ବସ୍ତା ନେଲେ ସବୁଦିନ ମିଳିବ ନାହିଁ, କିନ୍ତୁ ୨ ବସ୍ତା ପାଇଁ ୨୦୦୦ ଟଙ୍କା ଅଗ୍ରୀମ ଦେଲେ ୬ ମାସ ପରେ ୩୦୦୦ ଟଙ୍କା ସବସିଡି ଆକାରରେ ଫେରତ ମିଳିବ । ହେଲେ ଅଗ୍ରୀମ ଟଙ୍କା ଦେବାକୁ ଚାଷୀମାନେ ଅନିଚ୍ଛୁକ ଥିବାରୁ ବିହନ ବଣ୍ଟନରେ ବାଧା ସୃଷ୍ଟି ହୋଇଥିବା କଥା ବିଭାଗ କହୁଛି । ଅନ୍ୟପଟେ ଚାଷୀମାନେ କହିଛନ୍ତି ଯେ, ଯଦି ସଠିକ୍ ଭାବେ ବଣ୍ଟନ ପ୍ରକ୍ରିୟା ହୋଇଥାନ୍ତା, ତେବେ ଶହ ଶହ ବସ୍ତା ବିହନ ଗୋଦାମରେ ପଡ଼ି ସଢ଼ିଯିବ କଥାନୁହେଁ । ଏନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଓ ଚାଷୀମାନଙ୍କୁ ତୁରନ୍ତ ବିହନ ବଣ୍ଟନ କରିବାକୁ ଦାବି ।

କୃଷି ବିଭାଗ ପକ୍ଷରୁ ପ୍ରଦର୍ଶନୀ ମାଧ୍ୟମରେ କୃଷକ ମାନଙ୍କୁ ସଚେତନ ବାର୍ତା

ଛତିଆ, ୨୭/୦୨ (ଆ.ପ୍ର) :ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଗାଳ ଦୋଳ ମିଳନ ମହୋତ୍ସବ ଆଡ଼ମ୍ବର ସହକାରେ ପାଳନ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବଡ଼ଚଣା ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ନିମନ୍ତେ ଏକ ସଚେତନତା ଶିବିର ଆୟୋଜନ କରାଯାଇ ଅଛି । ଏଥିରେ ଚାଷୀ ମାନଙ୍କୁ ପି, ଏମ କିଷାନ ଯୋଜନା, ସିଏମ କିଷାନ ଯୋଜନା ଓ ଏଗ୍ରୀ ଷ୍ଟାକ ମାଧ୍ୟମରେ ଚାଷୀ ପଞ୍ଜିକରଣ କରିବା ଆମ୍ବା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଚାଷୀ ମାନଙ୍କୁ ସଚେତନ କରାଇବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏହାକୁ ଶିକ୍ଷୁତୀ ନନ, ସହାୟକ ବୈଜ୍ଞାନିକ ପରିଚାଳକ, ଅର୍ଜନା ପ୍ରଧାନ, ସହାୟକ ବୈଜ୍ଞାନିକ ପରିଚାଳକ ଓ ନରୋତମ ମହାନ୍ତି ପ୍ରମୁଖ ପ୍ରଦର୍ଶନୀରେ ଉପସ୍ଥିତ ରହି ଚାଷୀ ମାନଙ୍କୁ ସଚେତନ ବାର୍ତା ଦେଇଥିବାର ଦେଖିବାକୁ ମିଳିଛି ।

ଚିର ନିଦ୍ରାରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ

ପଂଚଭୂତରେ ଲୀନ ହେଲା ପାର୍ଥିବ ଶରୀର ପ୍ରଶାସନ ପକ୍ଷରୁ ଦିଆଗଲା ଗାର୍ଡ ଅଫ୍ ଅନର

ଟାଙ୍ଗୀ ଚୌଦ୍ୱାର, ୨୭/୦୨ (ଆ.ପ୍ର) : ସବୁ ଦିନ ପାଇଁ ଆଖି ବୁଜିଲେ ବିଶିଷ୍ଟ ଯୋଡ଼ାନାଚ କଳାକାର ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ । ତାଙ୍କ ଜାତିରେ ଯନ୍ତ୍ରଣା ହୋଇଥିଲା ବେଶୁ ତାଙ୍କୁ ଚୌଦ୍ୱାରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଥିବା ବେଳେ ରୋଗ୍ ୫ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । କଳାକ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସେ ୨୦୨୧ରେ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ । ପାରମ୍ପରିକ ଯୋଡ଼ାନାଚ ଉଚ୍ଚାଙ୍କିତ ରଖିବାରେ ଥିଲା ତାଙ୍କ ବିଶିଷ୍ଟ ଅବଦାନ ଲାଟକଳିଲ୍ଲା ଟାଙ୍ଗୀ ମଣ୍ଡିଆ ଗାଁରେ ୧୯୪୫ ମସିହା ଏପ୍ରିଲ ୧୪ରେ ଭାସ୍ତର ଦାସ ଜନ୍ମ ଗ୍ରହଣ କରିଥିଲେ । ସେ ଅଷ୍ଟମ ଶ୍ରେଣୀରେ ପଢିବାବେଳୁ ବେଳୁ ଯୋଡ଼ାନାଚ ପ୍ରତି ଆକର୍ଷିତ ହୋଇଥିଲେ । ୧୯୬୪ରେ ବଦ୍ଧମ ପଡ଼ିବା ସମୟରେ ସଂଗୀତ କଳା ସଂସଦ ନାମରେ ଏକ ସାଂସ୍କୃତିକ ସଂଗଠନ ଗଢ଼ିଥିଲେ । ୧୯୬୫ରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଜନ୍ମଭୂମି ଟାଙ୍ଗୀ ଚୌଦ୍ୱାର ଆଜି ଅଂଚଳରେ ଶୋଭାଜୁଳ ପରିବେଶ । ଆଜି ଜଟକ ଜିଲ୍ଲାପାଳ ଦତାତ୍ରୟ ଭାରସାହେବ ସିଙ୍କେ, ଡିସିପି ରିସିକେଶ ଖୁଲାଲ, ଚୌଦ୍ୱାର ଥାନା ଅଧିକାରୀ ରଜନନୀକାନ୍ତ ଦାସଙ୍କ ଉପସ୍ଥିତିରେ ତାଙ୍କୁ ପ୍ରଶାସନିକ ମର୍ଯ୍ୟାଦା ଦିଆଯାଇଥିଲା । ଏହା ସହ ଏକ ବିରାଟ ଶୋଭା ଯାତ୍ରାରେ ସହଭାଗ ପରିକ୍ରମା କରିବା ସହିତ ଚୌଦ୍ୱାରର ଘରଘରି ବୁଡ଼ା ସ୍ମଶାନ ରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କ ପୁର ଝିଅ ସଂଘମିତ୍ରା ବଜାଜ, ନନ୍ଦିତା ଦାସ ଉପସ୍ଥିତ ଥିଲା ବେଳେ ତାଙ୍କ ବଡ଼ ଭାଇଁ ଅନନ୍ତ କୁମାର ବଜେଇ ମୁଖାଗ୍ନି ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦିନ ସେବକ ସଂଘର ସଭାପତି ଦାମୋଦର ସାହୁ, ପୂର୍ବତନ ବିଧାୟକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ ବିଶ୍ୱାଳ, ବିଜେପି ନେତା ନୟନ କିଶୋର ମହାନ୍ତି, ପୌରାଧ୍ୟକ୍ଷା ମାନସୀ ସ୍ପର୍ଶପ୍ରିୟା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା, ପାରିଷଦ ବିଜୁଯୁକ ସାହୁ, ତ୍ରିଦେବ ବେହେରା, ବିଜୟ କୁମାର ବେହେରା ମୋକାଲିସା ଦାସ, ରାଜୀବ ମହାନ୍ତି, ଅବସର ପ୍ରାପ୍ତ ଶିକ୍ଷକ ସଂଘ ପ୍ରତିଷ୍ଠାତା ସୁକାନ୍ତ କୁମାର ମହାନ୍ତିଙ୍କ ସମେତ ଅଂଚଳର ବହୁ ବୁଦ୍ଧିଜୀବୀ ମାନେ ଶୋକ ବ୍ୟକ୍ତ କରିଥିଲେ ।

ଶିକ୍ଷୟିତ୍ରୀଙ୍କୁ ଛାଡୁନି ଚୌକି ନିଶା ବଦଳି ନିର୍ଦ୍ଦେଶକୁ ବେଖାତିର ?

ଭବାନୀପାଟଣା, ୨୭/୦୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କର୍ଲା ବ୍ଲକ ଅନ୍ତର୍ଗତ ବେହେରାପାଟି ଲଢ଼ ପ୍ରାଥମିକ ବିଦ୍ୟାଳୟରେ ମୋଟ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ପାଇଁ ଚାରିଜଣ ଶିକ୍ଷୟିତ୍ରୀ ଓ ଜଣେ ମାତ୍ର ଶିକ୍ଷକ କାର୍ଯ୍ୟରତ ଅଛନ୍ତି କିନ୍ତୁ ଗତ ୮ ଜାନୁଆରୀ ୨୦୨୬ ରେ ଜନିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କୁ ପତ୍ର ସଂଖ୍ୟା ୧୨୯ ଅନୁଯାଇ ବ୍ଲକ ଶିକ୍ଷା ଅଧିକାରୀ କର୍ଲାଙ୍କ ନିର୍ଦ୍ଦେଶ ମତେ ବେହେରାପାଟିରୁ ଚାରି କିଲୋମିଟର ଦୂର ଡୁମାଳ ପଡ଼ା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା କିନ୍ତୁ ବଦଳି ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀ ଜଣକ ମାନିବାକୁ ନାରାଜ ସେହି ସ୍କୁଲର ପତ୍ର ସଂଖ୍ୟା ୩୨/୨୦୨୬ ତା ୧୨/୦୨/୨୬ ଶିଖ ଅନୁଯାଇ ଗିଲିଫ କରାଯାଇଥିବା ସ୍ୱତ୍ୟ ଜବଲ କୌଶନ କରି କିଛି ରାଜନେତାଙ୍କ ସରଣାପନ୍ନ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଅନଧିକାର ଚାପ ପ୍ରୟୋଗ କରି ବଦଳି ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନ କରି ମାସେଝୁ ଊର୍ଦ୍ଧ ସମୟ ଧରି ସେହି ସ୍କୁଲରେ ଯୋଗଦେବେଲେ ନାହିଁ ଫଳରେ ବଦଳି ହୋଇଥିବା ସ୍କୁଲ ରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଗୋମାର ବ୍ୟାଘାତ ଘଟିଥିଲା । ଡୁମାଳ ପଡ଼ା ସ୍କୁଲର ଶିକ୍ଷା ପରିଚାଳନା କମିଟି ଓ ଗ୍ରାମବାସୀ ମାନେ ବାଧ୍ୟ ହୋଇ ସ୍କୁଲରେ ତାଲା ପକାଇ ଶିକ୍ଷକ ଦେବା ପାଇଁ ପ୍ରତିବାଦ କରିଥିଲେ କିନ୍ତୁ ତଥାପି ଶିକ୍ଷୟିତ୍ରୀ ଜଣକ ସରକାରୀ ନିର୍ଦ୍ଦେଶକୁ ଖୁଲମ୍ ଖୁଲା ଅବମାନନା କରି ସ୍କୁଲରେ ଯୋଗଦାନ କଲେ ନାହିଁ ଓଲଟା ରାଜନୈତିକ ଚାପ ପ୍ରୟୋଗ କରି ଶିକ୍ଷା ଅଧିକାରୀ ମାନଙ୍କୁ ନାଲି ଆଖି ଦେଖାଇ ନିଜ ଜିବରେ ଅଟଳ ରହିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି । ଏଭଳି ଶିକ୍ଷୟିତ୍ରୀଙ୍କ ଜନ୍ମତ କାର୍ଯ୍ୟରେ ବ୍ଲକ ଶିକ୍ଷା ଅଧିକାରୀ କର୍ଲା ବାଧ୍ୟ ହୋଇ ଉକ୍ତ ନିର୍ଦ୍ଦେଶକୁ ବାତିଲ କରି ସେହି ସ୍କୁଲର ଆଉଜଣେ ନିରୀହ ଶିକ୍ଷକ ସହବେଦ କରୁଅଛି କୁଣ୍ଠାଜନ୍ମି ପତ୍ର ସଂଖ୍ୟା ୨୯୧ ତାରିଖ ୧୬.୦୨.୨୦୨୬ରେ କିଛି ଦିନ ପାଇଁ ଡୁମାଳ ପଡ଼ା ସ୍କୁଲକୁ ବଦଳି କରାଯାଇଥିବା ଗ୍ରାମବାସୀ ଓ ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଅପର ପକ୍ଷରେ ପ୍ରାଥମିକ ଶିକ୍ଷକ ସଙ୍ଘ ମଧ୍ୟ ଏଭଳି କାର୍ଯ୍ୟକୁ ନା ପସନ୍ଦ କରିଥିବା ସୂଚନା ଦେଇଥିବା ବେଳେ ଏଠି ଏକ ବଡ଼ ପ୍ରଶ୍ନ କଣେ ଜନିଷ୍ଠ ଶିକ୍ଷୟିତ୍ରୀ ସରକାରଙ୍କ ନିର୍ଦ୍ଦେଶକୁ ନ ମାନିବା ଅଧିକାରୀ ମାନଙ୍କୁ ଭୟରେ କରି ନିଜ ବଦଳି ନିର୍ଦ୍ଦେଶକୁ ବାତିଲ କରାଇବା କୋଉଠି ନା କୋଉଠି ଶିକ୍ଷା ବିଭାଗ ଅଧିକାରୀ ମାନଙ୍କ କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ ବାଚକ ସୃଷ୍ଟି ହୋଇଛି ଏଣୁ ସିଧାରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଏକ ତଦନ୍ତକାରୀ ଦଳ ଗଠନ କରି ସରକାରୀ ବଦଳି ନିର୍ଦ୍ଦେଶକୁ କାହିଁକି ଓ କଣ ପାଇଁ ? ଅବମାନନା କରାଯାଇଛି ତାହା ତଦନ୍ତ କରାଯାଇ ଖମ୍ପୁଣ୍ଡ ଶିକ୍ଷୟିତ୍ରୀଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଭାବକ ଓ ଗ୍ରାମବାସୀ ମାଇକ ରେ ଦାବି ହେଉଛି ।

ଅଧା ରାସ୍ତାରେ ଆମ୍ବୁଲାନ୍ସରେ ଗର୍ଭବତୀ ମହିଳା ଛୁଆ ପ୍ରସବ କଲେ

ପାଟଣାଖେମୁଣ୍ଡି, ୨୭/୦୨ (ଆ.ପ୍ର) : ବଲାଙ୍ଗିର ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଚେରାଗୁଡା ପଂଚାୟତ ଅଧିନସ୍ଥ ଗୋଠକେଳି ଗ୍ରାମର ଭାବାନୀ ମଲ୍ଲିକଂକ ସ୍ତ୍ରୀ ସୁନାତା ମଲ୍ଲିକ(୨୭)ପ୍ରସବ ଯନ୍ତ୍ରଣା ଅନୁଭବ କଲାପରେ ୧୦୮ ଆମ୍ବୁଲାନ୍ସରେ ସ୍ଥାନୀୟ ଡେଂଗାଗଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଉଥିଲା । ଅଧାବାଟରେ ଯନ୍ତ୍ରଣା ଅନୁଭବ କରିବାରୁ ଫାର୍ମାସିଷ୍ଟ ନିଜର ଅଟେଣ୍ଡାଂଟଙ୍କ ସହଯୋଗରେ ସେହି ମହିଳାଙ୍କ ପ୍ରସବ କରାଇଥିଲେ । ପରେ ଭଲୟ ମା ଓ ଶିଶୁଙ୍କୁ ଡେଂଗାଗଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତରଙ୍କର ସହଯୋଗଦ୍ୱାରା ଭଲୟ ମା ଓ ଶିଶୁ ସୁସ୍ଥ ଅଛନ୍ତି । ଲାଖୁସିରି ଠାରୁ ଗୋଠକେଳି ରାସ୍ତା ବିପଦସଂକୁଳ ଅଟେ । ବହୁବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରାପରେ ମଧ୍ୟ ଗମନାଗମନ ବିପଜ୍ଜନକ ରହି

ନିଷ୍ପକ୍ଷ
ଆରମ୍ଭ
SEITHO ARAMBHA
ଶନିବାର, ୨୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ହୁଗୁଳି ପଡ଼ିଛି ଗୋଲପୋଷ୍ଟ, ଚିନ୍ତା ବଢ଼ାଇଛି ଭାରତୀୟ ହକି ଦଳର ପ୍ରଦର୍ଶନ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ଦୁଇ ଥର ଅଲିମ୍ପିକ ପଦକ ବିଜେତା ଗୋଲକିପର ପିଆର ଶ୍ରୀଜେଶଙ୍କ ସନ୍ନ୍ୟାସ ପରେ ଭାରତୀୟ ଗୋଲପୋଷ୍ଟ ଯେମିତି ହୁଗୁଳା ହୋଇ ପଡ଼ିଛି । ସୁରଜ କାର୍କେରା, ପ୍ୟାନ ଏବଂ ଅନ୍ୟମାନେ ଯେମିତି ଅଭିଜ୍ଞ ଭାବେ ନାହାନ୍ତି । ନିୟମିତ ଅଧିନାୟକ ଡ୍ରାଗ୍ ଫ୍ଲିକର ହର୍ମନପ୍ରୀତ ସିଂ ଭଲ ଫର୍ମରେ ନାହାନ୍ତି । ଯୁବ ଖେଳାଳିଙ୍କୁ ସୁଯୋଗ ମିଳୁଛି, କିନ୍ତୁ ତଥାପି ଦଳ ଭଲ ପ୍ରଦର୍ଶନ କରିପାରୁନି । ଆସନ୍ତା ସେପ୍ଟେମ୍ବର ମାସରେ ଏସିଆଡ୍ ?ରେ ଭାରତ ସ୍ୱର୍ଣ୍ଣ ଜିତି ପାରିଲେ ସିଧାସଳଖ ଅଲିମ୍ପିକ୍ସ ଟିକେଟ୍ ମିଳିପାରିବ । ମାତ୍ର ତା' ପୂର୍ବରୁ ଏଫଆଇଏଚ୍ ପ୍ରୋ ଲିଗ୍ରେ ଭାରତୀୟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଚିନ୍ତାର କାରଣ ପାଲଟିଛି । ପ୍ରଦର୍ଶନ ଅନୁସାରେ ଭାରତୀୟ ଦଳ ଏଫଆଇଏଚ୍ ମାନ୍ୟତା ତାଲିକାରେ ଖସିବାରେ ଲାଗିଛି । ଏବେ ଭାରତ ଅଷ୍ଟମ ସ୍ଥାନରେ ରହିଛି । ଏମିତି ପ୍ରଦର୍ଶନ ଜାରି ରହିଲେ ଦଳ ପାକିସ୍ତାନ (୧୪ତମ) ଭଳି ଶ୍ରେଷ୍ଠ ୧୦ରୁ ବାଦ ପଡ଼ିଯିବ । ପ୍ରୋ ଲିଗ୍ ?ରେ ଏପର୍ଯ୍ୟନ୍ତ ଭାରତ ୮ଟି ମ୍ୟାଚ୍ ଖେଳି ସାରିଛି । ସେଥିରୁ ମାତ୍ର ଗୋଟିଏ ବିଜୟବାରେ ସଫଳ ହୋଇଛି । ଅର୍ଥାତ ଦଳ ପାଇଁ ବିଜୟ ପଦୁ ଯେମିତି ଗୁଂଟି ଗୁଂଟି ଯାଉଛି । ରାଉରକେଲାରେ ଭାରତ ପ୍ରୋ ଲିଗର ୪ଟି ଘରୋଇ ମ୍ୟାଚ ଆର୍ଜେଣ୍ଟିନା (୮-୦, ୪-୨ ଗୋଲ) ଓ ବେଲଜିୟମ (୩-୧, ୪-୨ ଗୋଲ) ସହ ଖେଳି ପରାଜିତ ହୋଇଥିଲା । ଏହାପରେ ହୋକାର୍ଟ ଗସ୍ତ କରିଥିଲା । ସେଠାରେ ସ୍ପେନକୁ ୨-୦ ଓ ୧-୧ (୪-୩) ଗୋଲରେ ଏବଂ ଅଷ୍ଟ୍ରେଲିଆକୁ ୨-୨ (୫-୪) ପରାଜିତ ହୋଇଥିଲା । ଦ୍ୱିତୀୟ ଚରଣରେ ଅଷ୍ଟ୍ରେଲିଆକୁ ୧-୧ (୩-୧) ଗୋଲରେ ପରାଜିତ କରିଥିଲା । ଜାମାନୀରେ ୭ଟି ମ୍ୟାଚରେ ହାରିବା ପରେ ଦଳର ଏହା ପ୍ରଥମ ବିଜୟ ଥିଲା । ରାଉରକେଲାରେ ହର୍ମନପ୍ରୀତ ଅଧିନାୟକତ୍ୱ ସମ୍ଭାଳିଥିଲେ । କିନ୍ତୁ ସେ ବ୍ୟକ୍ତିଗତ ଭାବଣ୍ଡୁ ହୋକାର୍ଟ ଗସ୍ତ ଜନିତ ଥିଲେ । ତେଣୁ ହାର୍ଦ୍ଦିକ ସିଂଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲା । ପ୍ରୋ ଲିଗ ପଏଂଟ ତେବୁଲରେ ଭାରତ ଶ୍ରେଷ୍ଠ ସ୍ଥାନରେ ଥିବା ପାକିସ୍ତାନ ଲାଗରେ ଅଷ୍ଟମ ସ୍ଥାନରେ ରହିଛି । ପାକିସ୍ତାନ ୮ଟି ମ୍ୟାଚ ଖେଳି ୨ପଏଂଟ ଖାତା ଖୋଲି ପାରି ନାହିଁ । ଭାରତ ୪ ପଏଂଟ ପାଇଛି । ଜାମାନୀରେ ୨ ଥର ଅଲିମ୍ପିକରେ ଭାରତ ବ୍ରୋଞ୍ଜ ପଦକ ଜିତିଛି । କିନ୍ତୁ ଏମିତି ସମୟ ଆସିଛି ଦଳକୁ ପଡୋଶୀ ପାକିସ୍ତାନ ସହ ତୁଳନା କରିବାକୁ ପଡୁଛି । ଭାରତ ଅବଶିଷ୍ଟ ପ୍ରୋ ଲିଗ୍ ମ୍ୟାଚ ଆସନ୍ତା ଜୁନ ମାସରେ ଖେଳିବ । ପରବର୍ତ୍ତୀ ପ୍ରୋ ଲିଗ ପାଇଁ ଦଳର ପାଖରେ ଯଥେଷ୍ଟ ସମୟ ରହିଛି । ଦଳର ଅଧିକ ପରୀକ୍ଷା ନିରୀକ୍ଷା କରି ଏକ ଦୃଢ଼ ଦଳ ଏସିଆଡ୍ ପାଇଁ ଗଠନ କରିବାକୁ ହେବ । ଏସିଆଡ୍ ?ରେ ଦଳ ଯେମିତି ସ୍ୱର୍ଣ୍ଣ ଜିତି ସିଧାସଳଖ ଅଲିମ୍ପିକ ଟିକେଟ୍ ହାସଲ କରିବ ତା ଉପରେ ଟିମ୍ ମ୍ୟାନେଜମେଂଟକୁ ଧ୍ୟାନ ଦେବାକୁ ହେବ । ବିଶେଷ କରି ଦଳର ଗୋଲକିପର ଏବଂ ଡ୍ରାଗ ଫ୍ଲିକରଙ୍କ ଉପରେ ଅଧିକ ଫୋକସ କରିବାକୁ ହେବ । ଶ୍ରୀଜେଶଙ୍କ ଭଳି ଗୋଲକିପର ଏବଂ ହର୍ମନପ୍ରୀତଙ୍କ ଭଳି ଡ୍ରାଗ ଫ୍ଲିକର ଦଳକୁ ଆବଶ୍ୟକ ରହିଛି । ତେଣୁ ସମୟ ଥାଉ ଥାଉ ଏସବୁ ବିଗ ଉପରେ ଯଦି ଫୋକସ କରାଯାଏ, ଆଗକୁ ସମସ୍ୟା ଅଧିକ ଜଟିଳ ହୋଇ ପଡିବ । ପୂର୍ବାପେକ୍ଷା ଭାରତୀୟ ଦଳରେ ଓଡ଼ିଶା ଖେଳିଙ୍କ ପ୍ରତିନିଧିତ୍ୱ ବଢ଼ିଚାରେ ଲାଗିଛି । ଡିଫେଣ୍ଡର ଅମିତ ରୋହିଦାସଙ୍କ ସହ ଫରୱାର୍ଡ ଶିଳାନନ୍ଦ ଲାକ୍ରା ଓ ଡିଫେଣ୍ଡର ଅମନଦୀପ ଲାକ୍ରା ହୋକାର୍ଟ ଗସ୍ତରେ ଯାଇଥିଲେ । ସେମିତି ରାଉରକେଲାରେ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ ଓ ମିଡଫିଲ୍ଡର ରୋଶନ କୁଜୁରଙ୍କୁ ସୁଯୋଗ ମିଳିଥିଲା । ଶିଳାନନ୍ଦ କିନ୍ତୁ ପ୍ରତ୍ୟେକ ମ୍ୟାଚ୍ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଚାଲିଛନ୍ତି ।

ରଣଜୀ ଟ୍ରଫି ଫାଇନାଲ୍: ମାଇଲଖୁଂଟ ଦ୍ୱାରରେ ଜମ୍ମୁ କାଶ୍ମୀର

ହୁବଲି, ୨୭/୨(ନ୍ୟୁ.ଏ): ପ୍ରଥମ ଥର ରଣଜୀ ଟ୍ରଫି ଫାଇନାଲ୍ ଖେଳୁଥିବା ଜମ୍ମୁ କାଶ୍ମୀର ଟ୍ରଫି କରାୟତ କରିବାର ନିକଟତର ହୋଇଛି । ହୁବଲିରେ ଚାଲିଥିବା ଶକ୍ତିଶାଳୀ କର୍ଣ୍ଣାଟକ ବିପକ୍ଷ ଫାଇନାଲ୍‌ରେ ଜମ୍ମୁ କାଶ୍ମୀର ପ୍ରଥମ ପାଳି ଅଗ୍ରଣୀ ନେଇ ଏହି ଆଶା ସଂଚାର କରିଛି । ମ୍ୟାଚ୍ ଆଉ ଗୋଟିଏ ଦିନ ଥିଲା ବେଳେ ଜମ୍ମୁ କଶ୍ମୀର ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ୧୮୬ ରନ୍‌ରେ ବ୍ୟାଟିଂ କରୁଥିବା ମୟଙ୍କ ଅସ୍ତ୍ରାଲଙ୍କ ୧୬୦ ରନ୍ ଛଡ଼ା ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରି ପରାଜିବାରୁ ଦଳ ୩୦୦ ଭିତରେ ସୀମିତ ରହିଥିଲା । ଜମ୍ମୁ କାଶ୍ମୀର ପକ୍ଷରୁ ଆକିବ ନବି ୫ ୱିକେଟ୍ ସଫଳତା ପାଇଥିଲା ବେଳେ ସୁନୀଲ କୁମାର ଓ ସୁଭବୀର ସିଂହ ୨ ଲେଖାଏଁ ୱିକେଟ୍ ନେଇଥିଲେ । ସଂକ୍ଷିପ୍ତ ସ୍କୋର: ଜମ୍ମୁ କାଶ୍ମୀର ପ୍ରଥମ ପାଳି ୧୬୩.୧ ଓଭରରେ-୫୮୪ (ଶୁକ୍ରବାର ପୁରିର ୧୨୧, ୟାସ୍ନେର ହାସନ ୮୮, ସାହିଲ ଲୋତ୍ରା ୭୨, ପାରସ ଡୋଗ୍ରା ୭୦, ଅବଦୁଲ ସମଦ ୬୧, ପ୍ରସିଦ୍ଧ କୃଷ୍ଣ ୫/୯୮, ବିଜୟକୁମାର ବେଶାକ ୧/୭୫) । କର୍ଣ୍ଣାଟକ ପ୍ରଥମ ପାଳି ୯୩.୩ ଓଭରରେ-୨୯୩ (ମୟଙ୍କ ଅସ୍ତ୍ରାଲ ୧୬୦, କୁଣାଲ କୃଷ୍ଣ ୩୬, ଶ୍ରେୟସ୍ ଗୋପାଳ ୨୭, ଆକିବ ନବି ୫/୫୪, ସୁନିଲ କୁମାର ୨/୫୧, ସୁଭବୀର ସିଂହ ୨/୫୫) । ଜମ୍ମୁ କାଶ୍ମୀର ଦ୍ୱିତୀୟ ପାଳି ୫୭ ଓଭରରେ-୧୮୬/୪ (ଜମନନ ଇକ୍‌ବାଲ ୯୪*ଂଚ, ଅବଦୁଲ ସମଦ ୩୨, ସାହିଲ ଲୋତ୍ରା ୧୬*ଚ, ପ୍ରସିଦ୍ଧ କୃଷ୍ଣ ୨/୪୨) ।

ମୋଦୀଙ୍କ ନିମନ୍ତ୍ରଣରେ ମୁମ୍ବାଇରେ ପହଂଚିଲେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ଭାରତ ଗସ୍ତରେ ଆସିଛନ୍ତି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ତାଙ୍କ ପ୍ରତିନିଧିମଣ୍ଡଳ । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ମୁମ୍ବାଇର ତାଜମହଲ ପ୍ୟାଲେସରେ ପହଂଚିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଫେବୃଆରୀ ୨୭ ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ କାର୍ନି ଭାରତ ଗସ୍ତରେ ରହିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ସେ ଭାରତ ଆସିଛନ୍ତି । ଏହା ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କକୁ ପୁନର୍ଜୀବିତ କରିବା ପାଇଁ ଏକ ସମନ୍ୱିତ ପ୍ରୟାସକୁ ସଙ୍କେତ ଦେଉଛି । କାନାଡା ପ୍ରଧାନମନ୍ତ୍ରୀଙ୍କ ଆଗମନ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ରଣନୈତିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସମ୍ଭାବନା ପ୍ରକାଶ ପାଇଛି । ଭାରତର ଆର୍ଥିକ ରାଜଧାନୀରେ ତାଙ୍କ ଗସ୍ତ ଆରମ୍ଭ କରି, କାର୍ନି ଅର୍ଥନୈତିକ ସମ୍ପର୍କକୁ ପ୍ରାଥମିକତା ଦେଇଛନ୍ତି । ଦୁଇ ଦେଶର ସହଭାଗିତାରେ ଏକ ଦୃଢ଼ ବ୍ୟବସାୟିକ ପରିବେଶ ସୃଷ୍ଟି କରିବା ପାଇଁ ତାଙ୍କର ପ୍ରଥମ ଦୁଇ ଦିନ ସିଇଓ, ଆର୍ଥିକ ବିଶେଷଜ୍ଞଙ୍କ ଆଲୋଚନା କରିବେ । କାର୍ନିଙ୍କ ଗସ୍ତର ମୁଖ୍ୟ ଆକର୍ଷଣ ହେବ ହାଇଦ୍ରାବାଦ ହାଉସରେ ପ୍ରତିନିଧିଷ୍ଟରୀୟ ଆଲୋଚନା, ଯାହା ୨୦୨୫ ମସିହାରେ କାନାନାସ୍କିସ୍ ଏବଂ କୋହାନ୍ସବର୍ଗରେ ହୋଇଥିବା ପୂର୍ବ ଆଲୋଚନାର ଏକ ଆନୁଷ୍ଠାନିକ ପରବର୍ତ୍ତୀ ପର୍ଯ୍ୟାୟ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ପ୍ରତିନିଧିଷ୍ଟରୀୟ ଆଲୋଚନା ମାର୍ଚ୍ଚ ୨ ରେ ହାଇଦ୍ରାବାଦ ହାଉସରେ ସ୍ଥିର ହୋଇଛି । ଗତ କିଛି ବର୍ଷ ମଧ୍ୟରେ କାନାଡା ଏବଂ ଭାରତ ମଧ୍ୟରେ ସମ୍ପର୍କରେ 'ତାତ୍ତ୍ୱିକ ଅବନତି' ପରେ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ପୁଣି ଥରେ ସୁଧାର ଆଡ଼କୁ ଗତି କରୁଛି । ପୂର୍ବ ଟ୍ରୁଡୋ ସରକାରଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ କୂଟନୈତିକ ବିବାଦ ଏବଂ ଅଧିକାରୀ ମାନଙ୍କୁ ପ୍ରାଥମିକ ବହିଷ୍କାର କରିବାର କାରଣ ହୋଇଥିଲା । ତଥାପି, ବର୍ତ୍ତମାନର ମିଶନ ଓଟାୱାର ମନୋଭାବରେ ଏକ ମୌଳିକ ପରିବର୍ତ୍ତନକୁ ଚିହ୍ନିତ କରେ ।

ରିଙ୍କୁ ସିଂଙ୍କ ପିତାଙ୍କ ଦେହାନ୍ତ

ନୋଇଡା, ୨୭/୨(ନ୍ୟୁ.ଏ): ଭାରତୀୟ ବ୍ୟାଟର ରିଙ୍କୁ ସିଂଙ୍କ ପିତା ଖାନଚନ୍ଦ ସିଂଙ୍କ ଦେହାନ୍ତ ହୋଇଛି । ଏ ନେଇ ପୂର୍ବତନ ସ୍ପିନର ହରଭଜନ ସିଂ ଏକରେ ଏକ ପୋଷ୍ଟ କରି ସୂଚନା ଦେବା ସହ ରିଙ୍କୁଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଭାରତୀୟ ଦଳରେ ନିଜ ଦାୟିତ୍ୱ ପ୍ରତି ରିଙ୍କୁ ନିଷ୍ଠାବାନ ରହିଆସିଛନ୍ତି, କିନ୍ତୁ ଏହା ତାଙ୍କ ପାଇଁ ଏକ କଠିନ ସମୟ ବୋଲି ହରଭଜନ ଲେଖିଛନ୍ତି । ଖାନଚନ୍ଦ କର୍କଟ ରୋଗରେ ପୀଡ଼ିତ ହୋଇ ନୋଏଡାର ଯଥାର୍ଥ ହସପିଟାଲରେ ଚିକିତ୍ସିତ ହେଉଥିଲେ । ବୁଧବାର ଦିନ ତାଙ୍କ ଅବସ୍ଥା ଗୁରୁତର ହେବାରୁ ହେଲିକପ୍ଟରରେ ଭାରତୀୟ ଦଳ ସହ ଥିବା ରିଙ୍କୁ ଘରକୁ ଫେରିଥିଲେ । ତେବେ ନିଜ ପିତାଙ୍କୁ ଦେଖା କରିବା ପରେ ସେ ପୁଣି ଦଳ ନିକଟକୁ ଫେରିଆସିଥିଲେ । ତେବେ ଶୁକ୍ରବାର ପିତାଙ୍କ ଦେହାନ୍ତ ଖବର ପାଇଁ ରିଙ୍କୁ ପୁଣି ଥରେ ଭତରପ୍ରଦେଶର ଆଲିଗଡ଼ରେ ଥିବା ନିଜ ଘରକୁ ଫେରିଯାଇଛନ୍ତି । ପିତାଙ୍କ ଅନ୍ତିମ ସତ୍କାର ପରେ ସେ ପୁଣି ଥରେ ଭାରତୀୟ ଦଳ ନିକଟକୁ ଫେରିବାର ସମ୍ଭାବନା ରହିଛି ।

ପଶ୍ଚିମବଙ୍ଗ ଏସ୍‌ଆଇଆରରେ ନ୍ୟାୟିକ ଅଧିକାରୀଙ୍କ ପାଇଁ ତାଲିମ ମଡ୍ୟୁଲ୍

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର)କୁ ନେଇ ରାଜ୍ୟ ସରକାର ଓ ନିର୍ବାଚନ ଆୟୋଗଙ୍କ ମଧ୍ୟରେ ବିବାଦ ଅମିଆର ନାଁ ନେଉ ନାହିଁ । ନ୍ୟାୟିକ ଅଧିକାରୀଙ୍କ ତାଲିମ ମଡ୍ୟୁଲ୍‌ରେ ଆପତ୍ତି ଉତ୍ଥାପନ କରିଛନ୍ତି ରାଜ୍ୟ ସରକାର ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ପଶ୍ଚିମବଙ୍ଗ ପାଇଁ ବରିଷ୍ଠ ଓକିଲ କପିଲ ସିବଲ ପକ୍ଷ ରଖିଥିଲେ । ସିବଲ କହିଥିଲେ, ଏସ୍‌ଆଇଆର ନେଇ ସମସ୍ତ କାର୍ଯ୍ୟପନ୍ଥା କୋଲକାତା ହାଇକୋର୍ଟରେ ମୁଖ୍ୟ ବିଚାରପତି ଏବଂ କମିଟି ଦ୍ୱାରା ସମାଧାନ କରାଯିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ନିର୍ବାଚନ ଆୟୋଗ ନ୍ୟାୟିକ ଅଧିକାରୀମାନଙ୍କ ନିମନ୍ତେ ଏକ ତାଲିମ ମଡ୍ୟୁଲ ଜାରି କରି କ'ଣ ଗ୍ରହଣ କରିବା ଉଚିତ ଏବଂ ଗ୍ରହଣ କରିବା ଉଚିତ ନୁହେଁ ତାହା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ ଏଇଠି ମାମଲାର ଶୁଣାଣି କରିପାରିବୁ ନାହିଁ । ଏସବୁର ଅନ୍ତ ଘଟିବା ଉଚିତ । ଆମେ ଜାଣୁ ଆମ ନ୍ୟାୟିକ ଅଧିକାରୀ କୌଣସି ଜିନିଷ ଦ୍ୱାରା ପ୍ରଭାବିତ ହେବେ ନାହିଁ । ଆମ ନିର୍ଦ୍ଦେଶ ବିଚାରାଧୀନ ପରି ସ୍ପଷ୍ଟ ବୋଲି ଜଷ୍ଟିସ ବାଗଚୀ କହିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ନା ରାଜ୍ୟ ସରକାର ନା ନିର୍ବାଚନ ଆୟୋଗ କେହି ତାଙ୍କ ନିର୍ଦ୍ଦେଶ ବିରୋଧରେ ଯାଇ କାର୍ଯ୍ୟ କରିପାରିବେ ନାହିଁ । ନିର୍ବାଚନ ଆୟୋଗ ଓ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ଲକ୍ଷ୍ୟ କରି ସୁପ୍ରିମକୋର୍ଟ ଫେବୁଆରି ୨୦ରେ ରାଜ୍ୟରେ ବିବାଦୀୟ ଭୋଟର ତାଲିକାର ସଂଶୋଧନରେ ନିର୍ବାଚନ କମିଶନଙ୍କୁ ସହାୟତା କରିବା ପାଇଁ କାର୍ଯ୍ୟରତ ଏବଂ ପୂର୍ବତନ ଜିଲ୍ଲା ବିଚାରପତିମାନଙ୍କୁ ନିଯୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫେବୁଆରୀ ୨୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ନାମ ବାଦ ଦିଆଯିବାର ସମ୍ଭାଖ୍ୟାନ ହୋଇଥିବା ୮୦ ଲକ୍ଷ ଦାବି ଏବଂ ଆପତ୍ତିର ସମାଧାନ ପାଇଁ ୨୫୦ ଜିଲ୍ଲା ଜଜଙ୍କ ବ୍ୟତୀତ ପଶ୍ଚିମବଙ୍ଗ ସିଭିଲ ଜଜ୍‌ଙ୍କୁ ନିଯୋଜିତ କରିବା ଏବଂ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ନ୍ୟାୟିକ ଅଧିକାରୀମାନଙ୍କୁ ନିଯୋଜିତ କରିବା ପାଇଁ ଅନୁମତି ଦେଇଥିଲେ ।

ଜିଡିପି ଅଭିବୃଦ୍ଧି ୭.୮%:କୃଷି, ଖଣିର ନୈରାଶ୍ୟଜନକ ପ୍ରଦର୍ଶନ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): କେନ୍ଦ୍ର ସରକାର ୨୦୨୨-୨୩ରୁ ଆଧାର ବର୍ଷ ଭାବେ ଗ୍ରହଣ କରି ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକର ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟ ଜାରି କରିଛନ୍ତି । ଏହି ସମୟରେ ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିବା ଆକଳନ କରାଯାଇଛି । ତାହା ଦ୍ୱିତୀୟ ତ୍ରୈମାସିକର ୮.୪ ପ୍ରତିଶତଠାରୁ କମ୍ ରହିଛି । ୨୦୨୫-୨୬ ଆର୍ଥିକ ବର୍ଷସାରେ ଜିଡିପି ଅଭିବୃଦ୍ଧି ୭.୬ ପ୍ରତିଶତ ରହିବା ଆକଳନ କରାଯାଇଛି । ତାହା ପୂର୍ବ ଆକଳନ ୭.୧ ପ୍ରତିଶତଠାରୁ ଅଧିକ । ୨୦୨୫-୨୬ର ତୃତୀୟ ତ୍ରୈମାସିକରେ କୃଷି କ୍ଷେତ୍ରର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଏହି କ୍ଷେତ୍ର ମାତ୍ର ୧.୪ ପ୍ରତିଶତ ହାରରେ ଆଗକୁ ବଢ଼ିଛି ଯାହା ୨୦୨୪-୨୫ର ସେହି ସମୟରେ ୫.୮ ପ୍ରତିଶତ ଭଳି ଭଲ ହାରରେ ଆଗକୁ ବଢ଼ିଥିଲା । ଖଣି କ୍ଷେତ୍ର ବି ଦୁର୍ବଳ ପ୍ରଦର୍ଶନ କରିଛି । ଖଣିର ଅଭିବୃଦ୍ଧି ହାର ୪.୭ ପ୍ରତିଶତକୁ ଖସିଆସିଛି । ପୂର୍ବବର୍ଷ ତୃତୀୟ ତ୍ରୈମାସିକରେ ସେହି ହାର ୧୩.୧ ପ୍ରତିଶତ ଭଳି ଭଲା ଥିଲା । ବିନିର୍ମାଣ ଅଭିବୃଦ୍ଧି ୧୩.୩ ପ୍ରତିଶତ, ବିଦ୍ୟୁତ୍, ଗ୍ୟାସ୍ ଓ ଜଳ ଯୋଗାଣ ୧.୫ ପ୍ରତିଶତ ଏବଂ ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ୬.୬ ପ୍ରତିଶତ ହୋଇଛି । ବାଣିଜ୍ୟ, ହୋଟେଲ୍, ପରିବହନ ଓ ଯୋଗାଯୋଗ କ୍ଷେତ୍ରର ପ୍ରଦର୍ଶନ ଭରସାଜନକ ରହିଛି ।

ରାଜସ୍ଥାନରେ ମର୍ମନ୍ତୁଦ ସଡକ ଦୁର୍ଘଟଣା, ବସ୍-ଟ୍ରେଲର ମୁହାଁମୁହିଁ ଧକ୍କାରେ ୬ ମୃତ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ରାଜସ୍ଥାନର ବାଲୋତ୍ରା ଜିଲ୍ଲାର ସରୱାଡି ଗାଁ ନିକଟ ଜାତୀୟ ରାଜପଥ । ଏଠାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିପାଇଁ ସାରା ଅଂଚଳ ଏବେ ଶୋକାକୁଳ ପରିବେଶରେ ପରିଣତ ହୋଇଛି । ରାଜପଥରେ ଯାତ୍ରା କରୁଥିବା ଏକ ସ୍ଲିପର ବସ୍ ହଠାତ୍ ଆଗରେ ଥିବା ଏକ ଟ୍ରେଲରକୁ ଧକ୍କା ଦେଇଛି । ଧକ୍କା ଏତେ ତୀବ୍ର ଥିଲା ଯେ ବସ୍ତୁ ତାହାର ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଦୁର୍ଘଟଣାରେ ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ବସରୁ କିଛି ମୃତଦେହ ଝୁଲୁଥିବା ଦେଖାଯାଇଥିଲା, ଯାହା ଫଳରେ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଦୁର୍ଘଟଣାର ତୁରନ୍ତ ପରବର୍ତ୍ତୀ ଚିତ୍ର ଗୁଡ଼ିକରୁ ରକ୍ତ କୁହୁଟୁହୁଟ ମୃତଦେହ ବସରୁ ଝୁଲୁଥିବା ଦେଖାଯାଉଛି । ବର୍ତ୍ତମାନ, ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ପୋଲିସ ଲଢ଼ାର କାର୍ଯ୍ୟରେ ନିୟୋଜିତ ଅଛି । ରିପୋର୍ଟ ମୁତାବକ ଧକ୍କା ଏତେ ତୀବ୍ର ଥିଲା ଯେ, ବସର ଡ୍ରାଇଭର ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା । ଦୁର୍ଘଟଣା ଯୋଗୁଁ ରାଜପଥରେ ଆତଙ୍କ ସୃଷ୍ଟି ହୋଇଥିଲା, ଉଭୟ ପାର୍ଶ୍ୱରେ ଯାନବାହନର ଲମ୍ବା ଧାଡ଼ି ଲାଗିଥିଲା । ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ଲଢ଼ାର କାର୍ଯ୍ୟ ଆରମ୍ଭ କରିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି । ହସ୍ପିଟାଲ ଶବଘରଠାରେ ଛଅ ଜଣଙ୍କ ମୃତଦେହ ରଖାଯାଇଛି । ସେମାନଙ୍କ ଚିହ୍ନଟ ପରେ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବାକୁ ପ୍ରୟାସ ଜାରି ରହିଛି । ପୋଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରୁଛି ଏବଂ ବସର ଡ୍ରାଇଭରଙ୍କୁ ପଚରାଉଚରା କରୁଛି ।

ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ଗିରଫଦାରୀ ଉପରେ ରହିତାଦେଶ

ନୂଆଦିଲ୍ଲୀ, ୨୭/୨(ନ୍ୟୁ.ଏ): ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ହାଇକୋର୍ଟରୁ ବଡ଼